## ସଂକ୍ଷେପରେ

### ଯୌତୁକ ନିର୍ଯାତନାରୁ ଆତ୍ମହତ୍ୟା କରିଥିଲେ ସୁନୀତା

**ଅଭିଯୁକ୍ତ ସ୍ୱାମୀ ବିମଳ ଗିରଫ**

ଭୁବନେଶ୍ୱର, ୫।୧(ବ୍ୟୁରୋ)
ଖଣ୍ଡଗିରି ଥାନା ଅନ୍ତର୍ଗତ ପଞ୍ଚସଖା ନଗରରେ ସୁନିତା ନାଏକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ପୋଲିସ ପରଦା ଉଠାଇଛି। ଯୌତୁକ ନିର୍ଯାତନାରୁ ସୁନିତା ଆତ୍ମହତ୍ୟା କରିଥିଲେ ବୋଲି ତଦନ୍ତରୁ ଜଣାପଡ଼ିବା ପରେ ଅଟକ ଥିବା ଅଭିଯୁକ୍ତ ସ୍ୱାମୀ ବିମଳ ବିଭୂତି ପଟ୍ଟନାୟକଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅଞ୍ଚଳର ସୁନିତା ଓ ହରିହରପୁର ଥାନା ଅଞ୍ଚଳର ବିମଳ ଗତ ଏପ୍ରିଲ ୫ରେ ବିବାହ କରିଥିଲେ। ଏହା ପୂର୍ବରୁ ଉଭୟ ବିବାହିତ ଥିଲେ ମଧ ଛାଡ଼ପତ୍ର ନ କରି ଦ୍ୱିତୀୟ ବିବାହ କରିଥିଲେ। ପରେ ବିମଳ ପଞ୍ଚସଖା ନଗରରେ ଘର ଭଡା ନେଇ ସ୍ତ୍ରୀ ସୁନିତାଙ୍କ ସହ ରହୁଥିଲେ। ତେବେ ବିବାହର କିଛି ମାସ ପରେ ବିମଳ ସ୍ତ୍ରୀଙ୍କୁ ଯୌତୁକ ଦାବି କରି ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିଲେ। ବିମଳ ରବିବାର ଅପରାହ୍ନରେ ଶ୍ୱଶୁର ଘର ଲୋକଙ୍କୁ ଗାଳି ଦେଉଥିବା ସମୟରେ ସୁନିତା ଅନ୍ୟଏକ ରୁମ୍‌ର ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏନେଇ ସୁନିତାଙ୍କ ପରିବାର ଲୋକ ହତ୍ୟା ଅଭିଯୋଗ ଆଣିବା ପରେ ପୋଲିସ ଏକ ମାମଲା (୧/୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା।

### ପ୍ରଧାନ ଶିକ୍ଷକଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ଖୋର୍ଦ୍ଧା ଅଫିସ,୫।୧
ଖୋର୍ଦ୍ଧା କେରଙ୍ଗ ଜୟତୁନ୍ ନିଶା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଲେଇଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ମଣ୍ଡଳ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ ମୁଖ୍ୟ ଅତିଥି, ଶିକ୍ଷାବିତ ପ୍ରମୋଦ ରାଉତ, ଅତିରିକ୍ତ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ, ସାମାଜିକ କର୍ମୀ ମନିରୁଦ୍ଦିନ୍ ଖାଁ, ଶିକ୍ଷକ ସତ୍ୟାନନ୍ଦ ବେହେରା, ରତ୍ନାକର ରାଉତରାୟ, ସନ୍ତୋଷ ମହାପାତ୍ର, ଅଗାଧୁ ସେଠୀ, ପ୍ରସନ୍ନ ମହାପାତ୍ର, ପ୍ରମୋଦ ଭଞ୍ଜ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସୁରେନ୍ଦ୍ର ଜଣେ ଛାତ୍ର ବତ୍ସଳ, ସମାନୁବର୍ତ୍ତୀ, ନୀତିନିଷ୍ଠ ଓ ପ୍ରତିଭା ସମ୍ପର୍ଣ୍ଣ ବ୍ୟକ୍ତିତ୍ୱ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧରେ ସେକ୍ ମୁସ୍ତାକ ଅହେମ୍ମଦ, ସୁଫେଲ ଉଦିନି ଖାଁ, ଗୋପାଳ ଚନ୍ଦ୍ର ସାହୁ, ମହମ୍ମଦ ଜହିରୁଲ ହକ୍, ସୁଶାନ୍ତ ସାହୁ, ସୁରେଶ ଚନ୍ଦ୍ର ବିଶ୍ୱାଳ, ଭକ୍ତ ବଲ୍ଲଭ ଜେନା, ଗୟାଧର ସାହୁ, ଭାସ୍କର ନାୟକ, ପ୍ରବୋଧ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ, ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ଶତ୍ରୁଘ୍ନ ଛୋଟରାୟ, ଆନନ୍ଦ ବେହେରା, ରମେଶ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ପୁନରୁଦ୍ଧାର ଅପେକ୍ଷାରେ ରାଧା, ଲଳିତା, ଶ୍ୟାମାକୁଣ୍ଡ

ଭୁବନେଶ୍ୱର,୫।୧(ବ୍ୟୁରୋ)



ପାଖେଇ ଆସୁଛି ଖଣ୍ଡଗିରି କୁମ୍ଭମେଳା। ଜାଗମରାରୁ ପ୍ରଭୁ ଅନନ୍ତ କେଶରୀ ଶୋଭାଯାତ୍ରାରେ ବାହାରି ଉଦୟଗିରିସ୍ଥିତ ଲଳିତାକୁଣ୍ଡରେ ଚାପ ଖେଳିବେ। ଖଣ୍ଡଗିରି-ଉଦୟଗିରିରେ ରହିଥିବା ୫ ପବିତ୍ର ତଥା ପୁରାତନ ଜଳାଶୟ ମଧ୍ୟରୁ ଲଳିତାକୁଣ୍ଡ ଗୋଟିଏ ହୋଇଥିବାବେଳେ ଏହା ଅବହେଳିତ ହୋଇପଡ଼ିଛି। ସେହିଭଳି ଖଣ୍ଡଗିରି ପାର୍ଶ୍ୱରେ ଥିବା ରାଧାକୁଣ୍ଡ, ଶ୍ୟାମକୁଣ୍ଡ, ଗୁପ୍ତ ଗଙ୍ଗା ଓ ଆକାଶଗଙ୍ଗା ମଧ ପବିତ୍ରତା ହରାଇବାରେ ଲାଗିଛି। ଐତିହ୍ୟସ୍ଥଳ ଖଣ୍ଡଗିରି ଓ ଉଦୟଗିରିରେ ରହିଥିବା ଏହି ପୁରାତନ ଜଳାଶୟଗୁଡ଼ିକ କୁଣ୍ଡଗୁଡ଼ିକର ନାମକରଣର ମଧ ବିଶେଷତ୍ୱ ରହିଛି। କଳିଙ୍ଗ ସମ୍ରାଟ ମହାମେଘବାହାନ ଐରଖାରବେଳଙ୍କ ସମୟରେ ଏହି କୁଣ୍ଡଗୁଡ଼ିକ ଖନନ କରାଯାଇଥିବା ବିଶ୍ୱାସ କରାଯାଏ। ଗଙ୍ଗା ମା'ଙ୍କ ନାମରେ ରହିଛି ଦୁଇଟି ଜଳାଶୟ ଗୁପ୍ତଗଙ୍ଗା ଓ ଆକାଶଗଙ୍ଗା। ସେହିପରି ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାକୁ ନେଇ ଶ୍ୟାମକୁଣ୍ଡ, ରାଧାକୁଣ୍ଡ ଓ ଲଳିତାକୁଣ୍ଡର ନାମକରଣ କରାଯାଇଥିବା ପୌରାଣିକ ମତ ରହିଛି। ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବାବେଳେ ହଜାର ହଜାର ସଂଖ୍ୟକ ପ୍ରତିଦିନ ଖଣ୍ଡଗିରି ଓ ଉଦୟଗିରି ବୁଲିବାକୁ ଆସୁଛନ୍ତି। ଆବର୍ଜନାପୂର୍ଣ୍ଣ ଜଳାଶୟକୁ ଦେଖି ଆଉକେହି ତାହାକୁ ପବିତ୍ରକୁଣ୍ଡ ଭାବେ ବିଚାର କରୁନାହାନ୍ତି। ପୁରାତନ କାଳରେ ତପସ୍ୟା ପାଇଁ ଏଠାକୁ ଆସୁଥିବା ମୁନିଋଷିମାନେ ଏହି ଜଳାଶୟରେ ସ୍ନାନାଦି କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ କୁମ୍ଭମେଳାକୁ ସମଗ୍ର ଭାରତ ବର୍ଷରୁ ଆସୁଥିବା ସାଧୁସନ୍ଥ ବ୍ୟବହାର କରିଥା'ନ୍ତି। ସ୍ୱତନ୍ତ୍ର ମହତ୍ତ୍ୱ ରଖୁଥିବା ଏହି ଜଳାଶୟଗୁଡ଼ିକର ପୁନରୁଦ୍ଧାର ପାଇଁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ(ଏଏସ୍ଆଇ) ପକ୍ଷରୁ ଯୋଜନା କରାଯାଉଥିଲେ ମଧ ତାହା କାର୍ଯ୍ୟକାରୀ ନ ହେବା ବିଡ଼ମ୍ବନାର ବିଷୟ ହୋଇଛି।

ସୂଚନାଥାଉ କି, ଖଣ୍ଡଗିରି ପାହାଡ଼କୁ ସଂରକ୍ଷିତ ଓ ଅଣସଂରକ୍ଷିତ ପର୍ଯ୍ୟଟନସ୍ଥଳୀ ଭାବେ ବର୍ଗୀକରଣ କରାଯାଇଛି। ଜୈନ ମନ୍ଦିର ଓ ବାରଭୂଜା ମନ୍ଦିର ଅଣସଂରକ୍ଷିତ ବର୍ଗରେ ରଖାଯାଇଥିବାବେଳେ ପାହାଡ଼ରେ ଥିବା ଐତିହାସିକ ଗୁମ୍ଫାଗୁଡ଼ିକ ସଂରକ୍ଷିତ ବର୍ଗରେ ସାମିଲ କରାଯାଇଛି। ବର୍ଷ ତମାମ ରାଜ୍ୟ ତଥା ଦେଶବିଦେଶରୁ ପର୍ଯ୍ୟଟକ ଏଠାକୁ ଭ୍ରମଣ ପାଇଁ ଆସନ୍ତି। ଅନେକ ଐତିହାସିକ ଓ ଐତିହ୍ୟ ଗବେଷକ ଏଠାକୁ ଆସି ଗବେଷଣା କରିଥା'ନ୍ତି। କିନ୍ତୁ ଏହି ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀର ଗୁରୁତ୍ୱ ବହନ କରୁଥିବା ୫ ଜଳାଶୟର ରକ୍ଷଣାବେକ୍ଷଣା କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ

**ପାଖେଇ ଆସୁଛି ଖଣ୍ଡଗିରି କୁମ୍ଭମେଳା**

ପାଇଛି। ଅନ୍ୟପଟେ ଏହି ଐତିହ୍ୟସ୍ଥଳ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଅଧୀନରେ ରହୁଥିବାରୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହାର ପୁନରୁଦ୍ଧାର ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତେବେ ପଞ୍ଚତୀର୍ଥ ଭାବେ ପରିଚିତ ଏହି ପାଞ୍ଚ ଜଳାଶୟର ପୁନରୁଦ୍ଧାର ସହ ଶିଳାଲେଖ ଆଦିର ଉପଯୁକ୍ତ ସଂରକ୍ଷଣ କରାଯିବା ନେଇ ସାଧାରଣରେ ଦାବି ହେଉଛି। ଆସନ୍ତା ଏପ୍ରିଲରେ ଦୁଇ ଐତିହ୍ୟ ପାହାଡ଼ର ଉନ୍ନତିକରଣ ପାଇଁ ଏଏସ୍ଆଇ ପକ୍ଷରୁ ଯୋଜନା କରାଯାଉଥିବା ସୂଚନା ମିଳିଛି। ବାରଭୂଜା ଆଶ୍ରମ ଟ୍ରଷ୍ଟ କୋଷାଧକ୍ଷ ଦୀନବନ୍ଧୁ ଜେନାଙ୍କ କହିବାନୁସାରେ ଗତ କିଛିଦିନ ତଳେ ଏଏସ୍ଆଇର ଅଧିକାରୀମାନେ ସମସ୍ତ ଜଳାଶୟ ପରିଦର୍ଶନ କରିଥିଲେ। ଏଗୁଡ଼ିକର ପୁନରୁଦ୍ଧାର ପାଇଁ ଆଲୋଚନା କରାଯାଇଥିଲା। ସମସ୍ତ ଜଳାଶୟକୁ ପରିଷ୍କାର କରାଯିବା ସହ ଚାରିପଟେ ରେଲିଂ ଲଗାଯିବ। ତେବେ ବର୍ତ୍ତମାନ ସୁଦ୍ଧା କୌଣସି ପରିଷ୍କରଣ କାର୍ଯ୍ୟ ଆରମ୍ଭ ହୋଇ ନାହିଁ।

**ବିଭାଗ ସହ ଆଲୋଚନା କରି ପଦକ୍ଷେପ ନିଆଯିବ**

ଏଏସ୍ଆଇ ଭୁବନେଶ୍ୱର ସର୍କଲର ଇନ୍‌ଚାର୍ଜ ସୁଶାନ୍ତ କର କହିଛନ୍ତି, ଖଣ୍ଡଗିରି ଓ ଉଦୟଗିରି ପାହାଡ଼ରେ ଥିବା ୫ ପବିତ୍ର ଜଳାଶୟ ଅବହେଳିତ ଥିବା ସେ ଅବଗତ ଅଛନ୍ତି। ଏନେଇ ବିଭାଗ ସହ ଆଲୋଚନା କରିବି। ଖଣ୍ଡଗିରି ମେଳା ପୂର୍ବରୁ ହୋଇଥିବା ଯୋଜନା କାର୍ଯ୍ୟକାରୀ କରାଯିବା ସହ ଆବଶ୍ୟକସ୍ଥଳେ ଯୋଜନାରେ ପରିବର୍ତ୍ତନ କରାଯାଇ ଜଳାଶୟଗୁଡ଼ିକର ପୁନରୁଦ୍ଧାର ପାଇଁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି।

**ମହତ୍ତ୍ୱ ଜାଣି ଆଶ୍ଚର୍ଯ୍ୟ ହେଲୁ, ରକ୍ଷଣାବେକ୍ଷଣ ଜରୁରୀ**

ପର୍ଯ୍ୟଟକ ମନିଷ କହିଛନ୍ତି, ଆମେ ରାଜସ୍ଥାନରୁ ଖଣ୍ଡଗିରି ବୁଲିବାକୁ ଆସିଥିଲୁ। ପାହାଡ଼ ଉପରେ ଜଳାଶୟ ମଧ ଦେଖିଲୁ, କିନ୍ତୁ ଜାଣି ନ ଥିଲୁ ଏସବୁର ଏତେ ମହତ୍ତ୍ୱ ରହିଛି। ସ୍ଥାନୀୟ ଜଣେ ବନ୍ଧୁ ଆମ ସହ ଥିଲେ। ସେ ଏସବୁ ବିଷୟରେ ଆମକୁ କହିବା ପରେ ଆମେ ଆଶ୍ଚର୍ଯ୍ୟ ହେଲୁ। ଯଦି ବାସ୍ତବରେ ଏସବୁ ଏତେ ପବିତ୍ର ଜଳାଶୟ ହୋଇଥାଏ ତେବେ ରକ୍ଷଣାବେକ୍ଷଣ ଜରୁରୀ।

### ଯୁବକଙ୍କୁ ଅପହରଣ କରି ଲୁଟ୍, ଜଣେ ଗିରଫ

ଭୁବନେଶ୍ୱର,୫।୧(ବ୍ୟୁରୋ)

ଜଣେ ଯୁବକଙ୍କୁ ଲିଫ୍ଟ ଦେବା ବାହାନାରେ କାରରେ ପ୍ରଥମେ ଅପହରଣ ଓ ପରେ ଛୁରି ଦେଖାଇ ଲୁଟ୍‌ପାଟ କରିଛନ୍ତି ଦୁର୍ବୃତ୍ତ। ରାଜଧାନୀର ପ୍ରମୁଖ ଅଞ୍ଚଳ ଶହୀଦନଗର ଥାନାଞ୍ଚଳରେ ଏହି ଘଟଣା ଘଟିଛି। ପୋଲିସ ଏକ ମାମଲା ରୁଜୁ କରି ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ଗଜପତି ନଗରର ଅନିଲ ଦାସ ଓରଫ କାଳିଆ। ତାଙ୍କଠାରୁ ପୋଲିସ ଏକ କାର (ଓଡି ୦୧ ଏଏଲ ୨୯୩୭) ଜବତ କରିଛି। ସୂଚନାନୁଯାୟୀ, ଅଭିଯୋଗକାରୀ ଦିଲୀପ ବାରିକ ଶହୀଦନଗର ଥାନା ଅଞ୍ଚଳରେ ଥିବା ଏକ ଦୋକାନରେ ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ୩ ତାରିଖରେ ସେ ଗାଁକୁ ଯିବା ଲାଗି ଆଇଡିବିଆଇ ଛକରେ ଠିଆ ହୋଇଥିବା ବେଳେ ଅଭିଯୁକ୍ତ ଅନିଲ ତାଙ୍କ ପାଖରେ କାର ରଖି କଟକ ଯିବେ କି ବୋଲି ପଚାରିଥିଲେ। ପରେ ଦିଲୀପ ତାଙ୍କ କାର୍‌ରେ ବସିଯିବା ପରେ ଗିରଫ ଅନିଲ ଓ ତାଙ୍କର ଅନ୍ୟ ସହଯୋଗୀମାନେ ତାଙ୍କୁ ଅପହରଣ କରିନେଇଥିଲେ। ଅନିଲ ଓ ସହଯୋଗୀମାନେ ଛୁରି ଦେଖାଇ ଏକ ନିଛାଟିଆ ସ୍ଥାନକୁ ନେଇ ଦିଲୀପଙ୍କ ପାଖରେ ଥିବା ୧୨୦୦ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟ୍ କରି ଛାଡ଼ି ଦେଇଥିଲେ।





ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ 'ସସ୍ନେହ'ରେ ଅତିଥିଙ୍କ ଗହଣରେ ନୃତ୍ୟ ଶିଳ୍ପୀମାନେ।

### ୫ ଲକ୍ଷ କ୍ଷତିପୂରଣ ଦେବେ ରାଜ୍ୟ ସରକାର

କଟକ ଅଫିସ,୫।୧

କଟକ କଲେଜ ଛକ ନିକଟରେ ୨୦୧୯ରେ ଟ୍ରକ ଧକ୍କାରେ ମୃତ ଯୁକ୍ତ ୩ ଛାତ୍ରୀଙ୍କ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ରାଜ୍ୟ ସରକାର ପ୍ରଦାନ କରିବେ। ଓଡ଼ିଶା ରାଜ୍ୟ ମାନବାଧିକାର ଆୟୋଗ(ଓଏଚ୍ଆର୍‌ସି)ରେ ଏନେଇ ଆଗତ ମାମଲାର ବିଚାର କରାଯାଇ ରାୟରେ ଗୁରୁବାର ଏହି ନିର୍ଦ୍ଦେଶ ଦିଆଯାଇଛି। ଟ୍ରକ ଧକ୍କାରେ ଛାତ୍ରୀ ଅନ୍ନପୂର୍ଣ୍ଣା ଚୌଧୁରୀଙ୍କ ମୃତ୍ୟୁକୁ ନେଇ ହାଇକୋର୍ଟ ଆଇନଜୀବୀ ଶିବଶଙ୍କର ମହାନ୍ତି ଓଏଚ୍ଆର୍‌ସିରେ ମାମଲା ଦାୟର କରିଥିଲେ। ଏଥିସହ ସଡ଼କ ଦୁର୍ଘଟଣା ହ୍ରାସ କରିବା ପାଇଁ ଆଧୁନିକ ସଡ଼କ ବ୍ୟବସ୍ଥା କରିବାକୁ ରାଜ୍ୟ ସରକାର ପଦକ୍ଷେପ ନେବା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଆୟୋଗଙ୍କ ପକ୍ଷରୁ ଦିଆଯାଇଛି।

### ୱାର୍ଡସଭ୍ୟଙ୍କ ପ୍ରଶିକ୍ଷଣ ଶିବିର





ଜଟଣୀ,୫।୧(ଡି.ଏନ୍.ଏ.)
ଜଟଣୀ ବ୍ଲକ ଅଧୀନ ବିଶିଆପଡାସ୍ଥିତ ପ୍ରିମିୟର ଶିକ୍ଷାନୁଷ୍ଠାନ ପରିସରରେ ନବନିର୍ବାଚିତ ୱାର୍ଡ ସଭ୍ୟାସଭ୍ୟଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଇନଷ୍ଟିଟ୍ୟୁଟ ଫର ସୋସିଆଲ ଡେଭଲପମେଣ୍ଟ, ରାଜ୍ୟ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ, ପାନୀୟ ଜଳ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ଜଟଣୀ ବ୍ଲକର ବିଶିଆପଡା, ତିରିମଲ, ବେଣାପଞ୍ଜରୀ, ତରାବୋଇ, ହରିପୁର ଓ ପଦନପୁର ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ଉକ୍ତ ଶିବିରରେ ପ୍ରିମିୟର ଶିକ୍ଷା ଅନୁଷ୍ଠାନର ଅଧକ୍ଷ ପ୍ରତାପ କିଶୋର ପାତ୍ର ସଭାପତିତ୍ୱ କରିଥିଲେ। ଦିଲୀପ କୁମାର ଶତପଥୀ ଏବଂ ସରିତା କାନୁନଗୋ ପରିଚାଳନା କରିଥିଲେ। ପ୍ରିମିୟର ଏବଂ ସ୍ୱପ୍ନିଜ୍ୟୋତି ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ୩୧୦ଙ୍କୁ ନିଯୁକ୍ତି, ୭୫ଜଣଙ୍କୁ ପ୍ରଶିକ୍ଷଣ ପାଇଁ ଚୟନ

ଭୁବନେଶ୍ୱର, ୫।୧ (ବ୍ୟୁରୋ)

**କ୍ଷୁଦ୍ର ନିଯୁକ୍ତି ମେଳା ଓ ପରାମର୍ଶ ଶିବିର**
- ଆଜି ଖୋର୍ଦ୍ଧା ପୌର ପରିଷଦ କଲ୍ୟାଣ ମଣ୍ଡପରେ ହେବ
- ଅନ୍ୟ ୬ଟି ପଞ୍ଚାୟତ ସମିତିର ନିଯୁକ୍ତି ଆଶାୟୀ ସାମିଲ ହେବେ

ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଓଡିଶା ପକ୍ଷରୁ ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଗୁରୁବାର ୟୁନିଟ-୮ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ କ୍ଷୁଦ୍ର ନିଯୁକ୍ତି ମେଳା ତଥା ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ଟି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଯୋଗଦେଇଥିଲେ। ଏହାବ୍ୟତୀତ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିବା ୫ଟି ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ସାମିଲ ହୋଇଥିଲେ। ଶିବିରରେ ଭୁବନେଶ୍ୱର ସମେତ ଜଟଣୀ, ବାଲିଅନ୍ତା ଓ ବାଲିପାଟଣା ପଞ୍ଚାୟତ ସମିତି ଅନ୍ତର୍ଗତ ୫ମ ଶ୍ରେଣୀ ପାସ୍‌ଠାରୁ ସ୍ନାତକ ବା ଆଇଟିଆଇ, ଡିପ୍ଲୋମା, ଏଏନଏମ, ଜିଏନ୍ଏମ ଆଦି ବିଭିନ୍ନ ଶିକ୍ଷାଗତ ଯୋଗ୍ୟତା ଥିବା ୪୩୭ଜଣ ନିଯୁକ୍ତି ଆଶାୟୀ ନାମ ପଞ୍ଜୀକରଣ କରିଥିଲେ। ଏମାନଙ୍କ ମଧ୍ୟରୁ ୩୧୦ଜଣ ନିଯୁକ୍ତି ପାଇଁ ଚୟନ ହୋଇଥିବାବେଳେ ୭୫ଜଣଙ୍କୁ ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ଦିଆଯିବ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ କୁମାର ରାଉତରାୟ ମେଳାକୁ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ବିଡିଓ ସମ୍ପଦ କୁମାର ଦଳାଇ, ଆଞ୍ଚଳିକ ନିର୍ଦ୍ଦେଶକ (ନିୟୋଜନ) ଭୁବନେଶ୍ୱରର ବିଜୟ କୁମାର ପାତ୍ର, ଓରମାସ୍ ଉପ-କାର୍ଯ୍ୟନିର୍ବାହୀ ଅଧିକାରୀ ଗୁଣ୍ଡିଚା ବେହେରା ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଠାଣି ରାଉତ ପ୍ରମୁଖ ଯୋଗଦେଇ ନିଯୁକ୍ତି ଓ ପ୍ରଶିକ୍ଷଣ ପାଇଁ ଚୟନ ହୋଇଥିବା ଯୁବତୀଯୁବକଙ୍କୁ ଉତ୍ସାହିତ କରିଥିଲେ। ନିଯୁକ୍ତି ପ୍ରଦାନକାରୀ ସଂସ୍ଥାର ମୁଖ୍ୟ ତଥା ପ୍ରତିନିଧିମାନେ ସେମାନଙ୍କ ସଂସ୍ଥାରେ ନିଯୁକ୍ତି ପରିପ୍ରେକ୍ଷୀରେ ରହିଥିବା ସୁବିଧା ସୁଯୋଗ ସମ୍ପର୍କରେ ଅବଗତ କରାଇଥିଲେ। ଜିଲା ନିୟୋଜନ କାର୍ଯ୍ୟାଳୟ ଖୋର୍ଦ୍ଧାର ଦେବାଶିଷ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶୁକ୍ରବାର ଖୋର୍ଦ୍ଧା ଜିଲାର ଅନ୍ୟ ୬ଟି ପଞ୍ଚାୟତ ସମିତି ଅନ୍ତର୍ଗତ ନିଯୁକ୍ତି ଆଶାୟୀଙ୍କ ପାଇଁ ଏପରି ଶିବିର ଖୋର୍ଦ୍ଧା ଜିଲା ସଦର ମହକୁମା ଅନ୍ତର୍ଗତ ପୌର ପରିଷଦ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବ।

# ନାବାଳିକା ଛାତ୍ରୀଙ୍କୁ ରାସ୍ତାରେ ଦୁର୍ବ୍ୟବହାର

ଭୁବନେଶ୍ୱର, ୫।୧(ବ୍ୟୁରୋ):

କଥା ହେବାକୁ ମନା କରିବାରୁ ଟ୍ୟୁଶନ ସାରି ଘରକୁ ଫେରୁଥିବା ବେଳେ ଜଣେ ନାବାଳିକା ଛାତ୍ରୀଙ୍କୁ ରାସ୍ତାରେ ଅଟକାଇ ଦୁର୍ବ୍ୟବହାର କରିବା ସହ ଜୀବନରୁ ମାରିଦେବା ଲାଗି ଧମକ ଦେବା ଅଭିଯୋଗରେ ୨ ଜଣଙ୍କୁ ଲିଙ୍ଗରାଜ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ପୁରୁଣା ଭୁବନେଶ୍ୱରର ଦୁର୍ଗା ଚରଣ ଭୂୟାଁ ଓ ସୁରଜ ବେହେରା ଓରଫ ହାପି। ଏନେଇ ପୋଲିସ ଦଫା ୩୪୧/୩୨୩/୨୯୪ (ବି)/୩୫୪ (ଏ)/୩୫୪ (ବି)/୩୫୪ (ଡି)/୫୦୯/ ୫୦୬/ ୪୨୭/ ୩୪

**୨ ଗିରଫ,ସହଯୋଗୀ ଫେରାର**

ଏବଂ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ସୂଚନାନୁସାରେ, ବୁଧବାର ସନ୍ଧ୍ୟା ପ୍ରାୟ ୮ଟାରେ ନାବାଳିକା ଛାତ୍ରୀଜଣଙ୍କ ରବିଟକିଜ ଛକରୁ ଟ୍ୟୁଶନ ସାରି ବିନ୍ଦୁସାଗର ରାସ୍ତାରେ ଘରକୁ ଫେରୁଥିବା ସମୟରେ ତରଙ୍ଗ କ୍ଲବ ନିକଟରେ ତିନିଜଣ ତାଙ୍କୁ ରାସ୍ତାରେ ଅଟକାଇବା ସହିତ ତାଙ୍କୁ ଅଶାଳୀନ ବ୍ୟବହାର କରିଥିଲେ। ଛାତ୍ରୀଜଣଙ୍କ ବିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିମନ୍ଦ କରିବା ସହିତ ନାନାପ୍ରକାର ଧମକ ଦେଇଥିଲେ। ଏପରିକି ତାଙ୍କ ସାଇକେଲକୁ ଭାଙ୍ଗି ସେଠାରେ ଫୋପାଡି ଦେଇଥିଲେ। ପୀଡ଼ିତା ଜଣକ ଏ ନେଇ ଘରକୁ ଫେରି ଘଟଣା ବିଷୟରେ ଜଣାଇଥିଲେ। ଅଭିଯୋଗ ପରେ ଲିଙ୍ଗରାଜ ଥାନା ପୋଲିସ ତଦନ୍ତ କରି ୨ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର୍ ହୋଇଯାଇଛନ୍ତି। ଫେରାର ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ ଚଳାଇଛି।

# ୫ ଚାଷୀ ବିକିଲେ ୧୬୦ କୁଇଣ୍ଟାଲ ଧାନ



ବୋଲଗଡ଼,୫।୧(ଡି.ଏନ୍.ଏ.)
ପଞ୍ଜୀକୃତ ଚାଷୀଙ୍କଠାରୁ ଧାନକ୍ରୟ ନିମନ୍ତେ ଗୁରୁବାର ଡାବରଧୁଆପାଟଣା ସେବା ସମବାୟ ସମିତି ପରିସରରେ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ, ବୋଲଗଡ଼ ଶାଖା ପରିଚାଳକ ଜଗନ୍ନାଥ ପାଲ ଏହାକୁ ଉଦ୍‌ଘାଟନ କରିଥିଲେ। ବାଲୁଗାଁ ଆଞ୍ଚଳିକ ବଜାର ନିୟନ୍ତ୍ରଣ କମିଟି କର୍ମଚାରୀ ଦିଲୀପ ମହାପାତ୍ର ଉପସ୍ଥିତ ରହି ଧାନର ମାନ ପରୀକ୍ଷଣ କରିଥିବା ବେଳେ ରାଜସୁନାଖଳା ମିଲର ଶିବାନୀ ଫୁଡ୍ସ ଚାଷୀଙ୍କଠାରୁ ଧାନ

**ଡାବରଧୁଆରେ ଧାନମଣ୍ଡି ଉଦ୍‌ଘାଟିତ**

କ୍ରୟ କରିଥିଲା। ଏହି ସେବା ସମବାୟ ସମିତିଅଧୀନରେ ଧାନ ଦେବା ପାଇଁ ମୋଟ୍ ୪୭୨ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ୧୪ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ଅନୁମତି ମିଳିଛି। ପ୍ରଥମ ଦିନରେ ୫ ଜଣ ଚାଷୀ ୧୬୦ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ଉଦ୍‌ଘାଟନ ଅବସରରେ ସମବାୟ ସମିତି ସଭାପତି ଯୋଗେନ୍ଦ୍ର ଶ୍ରୀଚନ୍ଦନ, ସରପଞ୍ଚ ବିଜୟ ସେଠୀ, ମିଲର ରବୀନ୍ଦ୍ର ସୁବୁଦ୍ଧି, ସମବାୟବିତ୍ ଗୟାଧର ମହାପାତ୍ର, ପ୍ରଶାସନିକ ଅଧିକାରୀ ବିରଞ୍ଚି ମହାପାତ୍ର, ପ୍ରଭାକର ନାୟକ ପ୍ରମୁଖ ଯୋଗଦେଇଥିଲେ। ପୂଜାର୍ଚ୍ଚନା ପରେ ଚାଷୀ ଅନିଲ ପଟ୍ଟନାୟକଙ୍କ ଧାନ ବିକ୍ରି ଅନୁକୂଳ ହୋଇଥିବା ବେଳେ ବରିଷ୍ଠ ଚାଷୀ ଦାଶରଥି ମହାପାତ୍ର, ଦିବାକର ରାଉତ, ବନ୍ଧୁ ଭୋଳ, ବସନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସମବାୟ ସମିତି ସମ୍ପାଦକ ଯଜ୍ଞଦତ୍ତ ସାହୁ ଓ କର୍ମଚାରୀମାନେ ମଣ୍ଡି ପରିଚାଳନାରେ ସହଯୋଗ କରିଥିଲେ।

# ୩ ଡ୍ରାଇଭର ଗିରଫ, କାର୍ ଜବତ

ଭୁବନେଶ୍ୱର,୫।୧(ବ୍ୟୁରୋ)

ଶହୀଦନଗର ଥାନା ଅନ୍ତର୍ଗତ ଆଚାର୍ଯ୍ୟ ବିହାରସ୍ଥିତ ସାଇନ୍ସ ପାର୍କ ନିକଟରେ ମଧରାତ୍ରିରେ ମହିଳା ଥାନା ଏସ୍ଆଇ ଶୁଭଶ୍ରୀ ନାୟକଙ୍କୁ ଗାଳିଗୁଲଜ କରିବା ସହ ଗୋଡ଼ାଇ ଗୋଡ଼ାଇ ଖଣ୍ଡା ଦେଖାଇ ଆକ୍ରମଣ ଉଦ୍ୟମ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା ନୟାଗଡ଼ ଜିଲା ରଣପୁରର ଚକ ଓରଫ କୁନା ଚନ୍ଦ୍ର ସାହୁ (୨୩), ବୌଦ୍ଧ ଜିଲାର ଅରୁ ଓରଫ ଅରେନ୍ଦା ମହାକୁଦ (୨୮) ଓ ପଦିଆ ଓରଫ ପ୍ରଦୀପ ବେହେରା (୩୫)। ଘଟଣା ସମୟରେ ସେମାନେ ବ୍ୟବହାର କରିଥିବା ଇନୋଭା ଗାଡ଼ି (ନଂ.ଓଡି୧୩ସି୮୭)କୁ ଜବତ କରାଯାଇଥିବା ବେଳେ କୌଣସି ମାରଣାସ୍ତ୍ର ମିଳି ନାହିଁ। କାର ମୁହାଁମୁହିଁକୁ ନେଇ ଅଭିଯୁକ୍ତମାନେ ମହିଳା ଏସ୍ଆଇଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିବା



ଗିରଫ ୩ ଅଭିଯୁକ୍ତ।

ତଦନ୍ତରୁ ଜଣାପଡ଼ିଛି। ଏହି ୩ ଜଣଙ୍କ ବ୍ୟତୀତ ଉକ୍ତ କାର୍‌ରେ ଆଉ କେହି ନ ଥିଲେ ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ତେବେ ଗିରଫ ୩ ଅଭିଯୁକ୍ତ ପେସାରେ ଡ୍ରାଇଭର। ସେମାନଙ୍କ ମଧ୍ୟରୁ ଜଣଙ୍କୁ ପୁରୀ ଜିଲା ସାତପଡ଼ାରୁ, ଆଉ ଜଣଙ୍କୁ ଜଗତପୁର ଓ ଅନ୍ୟଜଣଙ୍କୁ ଭୁବନେଶ୍ୱରରୁ ଗିରଫ କରାଯାଇଛି। ଅଧିକ ତଥ୍ୟ ପାଇଁ ସିସିଟିଭି ଫୁଟେଜ ଯାଞ୍ଚ କରାଯିବା ସହ ତଦନ୍ତ ଚାଲୁ ରହିଥିବା ଡିସିପି କହିଛନ୍ତି। ଅନ୍ୟପକ୍ଷରେ ଆକ୍ରମଣ ନୁହେଁ, ଭୁଲ୍ ମାଗିବାକୁ ପିଛା କରୁଥିଲୁ ବୋଲି ଜଣେ ଅଭିଯୁକ୍ତ ଗଣମାଧ୍ୟମ ଆଗରେ କହିଛନ୍ତି।

ସୂଚନା ଅନୁସାରେ, ସୋମବାର ରାତି ୧ଟା ୩୦ରେ ୩ ଅଭିଯୁକ୍ତ ଏକ ପାର୍ଟିରେ ଯୋଗ ଦେଇ ଇନୋଭା ଗାଡ଼ିରେ ଫେରୁଥିବାବେଳେ ସାଇନ୍ସ ପାର୍କ ନିକଟରେ ମହିଳା ଏସ୍ଆଇ ଶୁଭଶ୍ରୀ ନାୟକଙ୍କ କାର୍ ତାଙ୍କ ଗାଡ଼ି

**ମହିଳା ଏସ୍ଆଇଙ୍କୁ ଖଣ୍ଡାଦେଖାଇ ଆକ୍ରମଣ ଉଦ୍ୟମ ଘଟଣା**

ସହ ସାମ୍ନାସାମ୍ନି ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ସେମାନେ କାର୍‌ରେ ଥିବା ଏସ୍ଆଇଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ଗାଡ଼ିକୁ ପିଛା କରି ମାରଣାସ୍ତ୍ରରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏସ୍ଆଇ ଜଣକ ରିଜର୍ଭ ଗ୍ରାଉଣ୍ଡ ଭିତରକୁ ଗାଡ଼ି ନେଇ ଜୀବନ ବଞ୍ଚାଇଥିଲେ। ପରେ ଏନେଇ ସେ ଶହୀଦନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାକୁ ଗୁରୁତର ସହ ନେଇ ଖୋଳତାଡ଼ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତରୁ ଉକ୍ତ ଗାଡ଼ିଟି ଚକଙ୍କର ଓ ସେ ସାଇନ୍ସ ପାର୍କ ପଛ ବସ୍ତିରେ ରହୁଥିବା ଜାଣିବାକୁ ପାଇଥିଲେ। ଏହାପରେ ପୋଲିସ ତାଙ୍କୁ ପ୍ରଥମେ ଗିରଫ କରିବା ପରେ ତାଙ୍କର ୨ ସହଯୋଗୀ ଅରୁ ଓ ପଦିଆଙ୍କୁ ଗିରଫ କରିଥିଲା।

**ଡିକି ଭାଙ୍ଗି ଅଢ଼େଇ ଲକ୍ଷ ଲୁଟ୍ ଘଟଣାରେ ୪ ଗିରଫ**

ଭୁବନେଶ୍ୱର,(ବ୍ୟୁରୋ)- ବାଇକ ଡିକି ଭାଙ୍ଗି ଅଢ଼େଇ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସାଲିଆ ସାହି ସତ୍ୟନଗରର ନିରୁ ରେଡ୍ଡି, ଗଞ୍ଜାମ ଜିଲା ଝରଖୋଲର ଏ. ସୁଦାମ ରେଡ୍ଡି, ସାଲିଆ ସାହି ଶକ୍ତି ବିହାର ଡି. ରବି ଓ ବିଦ୍ୟାଧର ସେଠୀ। ସେମାନଙ୍କଠାରୁ ପୋଲିସ ଗୋଟିଏ ମୋବାଇଲ, ବାଇକ୍ ଓ ୩ ହଜାର ଟଙ୍କା ଜବତ କରିଛି। ସୂଚନାନୁସାରେ, ଅଭିଯୋଗକାରୀ ବ୍ୟକ୍ତି ନିଜ ଝିଅ ବିବାହ କାର୍ଯ୍ୟ ଲାଗି ଶୈଳଶ୍ରୀବିହାରସ୍ଥିତ ଏସ୍‌ବିଆଇ ଶାଖାରୁ ଅଢ଼େଇ ଲକ୍ଷ ଟଙ୍କା ଉଠାଇବା ପରେ ବାଇକ୍ ଡିକିରେ ରଖି ଘରକୁ ଫେରୁଥିଲେ। ଅଭିଯୁକ୍ତମାନେ ୨ଟି ବାଇକ୍‌ରେ ତାଙ୍କୁ ପିଛା କରି ଡମଣା ହାଟରେ ରହିବାରୁ ଡିକି ଭାଙ୍ଗି ସମସ୍ତ ଟଙ୍କା ନେଇ ଯାଇଥିଲେ।



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଷ୍ଟିୱାର୍ଟ ସ୍କୁଲର ବିଜ୍ଞାନମେଳା, ସ୍କୁଲ ପରିସର, ସିଆର୍‌ପି, ସକାଳ ୮ଟା ୩୦।
- ଶ୍ରୀଶ୍ରୀ ୟୁନିଭର୍ସିଟିର ଉଦ୍‌ଘାଟନୀ ସମାରୋହ, ଶ୍ରୁତି ବିଲ୍ଡିଂ, ପୂର୍ବାହ୍ନ ୧୦ଟା।
- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସେଲ୍ଫ ରିଲାଏନ୍ସ ପକ୍ଷରୁ ଭାରତ ବିକାଶ ଆୱାର୍ଡ, ଦି ପ୍ରେସ କ୍ଲବ ଅଫ୍ ଓଡ଼ିଶା, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୦ଟା।
- ସୁରଜୟ ପକ୍ଷରୁ ଅଭୁଲା ସ୍ମୃତି, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ତ୍ରିଧାରା ପକ୍ଷରୁ ନୃତ୍ୟ ମହୋତ୍ସବ ପଦ୍ମାବତୀ, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ ଗୁରୁ ପ୍ରମାଣ ମହୋତ୍ସବ, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ ତାସ୍‌ର ଦେଶ, ବିଜୁ ନାଟ୍ୟ କେନ୍ଦ୍ର, ନୟାପଲ୍ଲୀ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ନାଟକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ଶ୍ରୀ ତ୍ରିନାଥ ମହାପ୍ରଭୁଙ୍କ ଜୟନ୍ତୀ, ବାଲିଅନ୍ତା ଥାନା ପରିସର, ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, କୁଶଗାଡ଼ିଆ ମଠ ପରିସର, ଅପରାହ୍ନ ୫ଟା।
- ୨୬ତମ ବାର୍ଷିକ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୁତି, ବଇଁଚୁଆ, ସିଦ୍ଧେଶ୍ୱର ମହାଦେବ ପୀଠ, ଅପରାହ୍ନ ୫ଟା।

## ସଂକ୍ଷେପରେ

### ଅଚଳ ଶବଦାହ ବିଦ୍ୟୁତ୍ ଚୁଲା କାର୍ଯ୍ୟକାରୀ ହେଉ

ପୁରୁଣା ଭୁବନେଶ୍ୱର,୫।୧(ଡି.ଏନ୍.ଏ.): ସତ୍ୟନଗର ଶ୍ମଶାନରେ ଶବଦାହ ପାଇଁ ଉଦ୍ଦିଷ୍ଟ ଦୁଇଟି ବିଦ୍ୟୁତ ଚୁଲା ପ୍ରାୟ ୮ମାସ ହେବ ଅଚଳ ହୋଇପଡ଼ିଛି। ଫଳରେ ଚୁଲା ମାଧ୍ୟମରେ ଶବଦାହ କାର୍ଯ୍ୟ ଠପ ହୋଇଯାଇଛି। ଏଠାରେ ନିୟୋଜିତ କର୍ମଚାରୀ ବିଏମ୍‌ସି କମିଶନରଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବିଏମ୍‌ସି କର୍ତ୍ତୃପକ୍ଷ ଏହାକୁ ଗୁରୁତର ସହ ନେଇ ଚୁଲା ଦୁଇଟିର ମରାମତି କରାଇବା ସହ ଶବଦାହ କାର୍ଯ୍ୟକୁ ସ୍ୱାଭାବିକ କରିବା ପାଇଁ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଗୁରୁବାର କମିଶନରଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି।

### ଅବସରପ୍ରାପ୍ତ ଶିକ୍ଷକ ପ୍ରଭାସ ଚନ୍ଦ୍ର ପଣ୍ଡାଙ୍କ ପରଲୋକ



ଭୁବନେଶ୍ୱର,୫।୧ (ବ୍ୟୁରୋ)- ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଅବସରପ୍ରାପ୍ତ ଶିକ୍ଷକ ପ୍ରଭାସ ଚନ୍ଦ୍ର ପଣ୍ଡା(୯୨)ଙ୍କ ମଙ୍ଗଳବାର ପରଲୋକ ଘଟିଛି। ସେ ନିମୋନିଆରେ ପୀଡ଼ିତ ଥିଲେ। ତାଙ୍କ କର୍ମମୟ ଜୀବନ ଭଦ୍ରକ ଜିଲାସ୍ଥିତ ପୈତୃକ ଗ୍ରାମ ଅଡ଼ାଳପଙ୍କରୁ ଆରମ୍ଭ ହୋଇଥିଲା। ତାଙ୍କ ବାପା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଉପେନ୍ଦ୍ର ନାଥ ପଣ୍ଡା ଦୈନିକ ଖବରକାଗଜ 'ପ୍ରଜାତନ୍ତ୍ର'ର ପ୍ରଥମ ସମ୍ପାଦକ ଥିଲେ। ପ୍ରଭାସ ୧୯୬୩ରେ ରାଉରକେଲାର ଇସ୍ପାତ ବିଦ୍ୟାଳୟରୁ ଶିକ୍ଷକତା ଆରମ୍ଭ କରିଥିଲେ। ସେ ଗଣିତ ଓ ବିଜ୍ଞାନରେ ବେଶ୍ ପାରଦର୍ଶିତା ଲାଭ କରିଥିଲେ। ତାଙ୍କୁ ସେଲ୍ (ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ) ପକ୍ଷରୁ ଅନେକ ଥର ପୁରସ୍କୃତ କରାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ବଡ଼ପୁଅ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଡ. ଅରୁଣ ପଣ୍ଡା, ସାନପୁଅ ଏସ୍ଆର୍ ଷ୍ଟିଲର ପୂର୍ବତନ ଜଏଣ୍ଟ ଜେନେରାଲ୍ ମ୍ୟାନେଜର ଡ. କିରଣକାନ୍ତି ପଣ୍ଡା ଓ ପୁତ୍ରବଧୂ ଉପସ୍ଥିତ ଥିଲେ। ସ୍ୱର୍ଗତ ପଣ୍ଡାଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସମାପନ ହୋଇଥିଲାବେଳେ ଜ୍ୟେଷ୍ଠପୁତ୍ର ମୁଖାଗ୍ନି ଦେଇଥିଲେ।

### ଧର୍ମବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଭୁବେନଶ୍ୱର,୫।୧(ବ୍ୟୁରୋ): ଭୁବନେଶ୍ୱର ଖଣ୍ଡଗିରି ଧର୍ମବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୯ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ଅତିଥିଭାବେ ସୋଆ ବିଶ୍ୱବିଦ୍ୟାଳୟର ଚେୟାରମ୍ୟାନ୍ ଦାମୋଦର ଆଚାର୍ଯ୍ୟ, ବିଶିଷ୍ଟ ସାହିତ୍ୟିକ ଗୌରହରି ଦାସ, ଶିକ୍ଷା ବିକାଶ ସମିତିର ପୂର୍ବ ସମ୍ପାଦକ ସୁଦର୍ଶନ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ସତ୍ୟନାରାୟଣ ପଟ୍ଟନାୟକ ଅତିଥି ପରିଚୟ ଦେଇଥିବାବେଳେ ପ୍ରଧାନ ଆଚାର୍ଯ୍ୟ ଶଶିଭୂଷଣ ଦାଶ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀନିବାସ ମାନସିଂହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା କମିଟି କୋଷାଧ୍ୟକ୍ଷ ନାରାୟଣ ଚୌଧୁରୀ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ପୁନରୁଦ୍ଧାର ଅପେକ୍ଷାରେ ରାଧା, ଲଳିତା, ଶ୍ୟାମାକୁଣ୍ଡ

ଭୁବନେଶ୍ୱର,୫।୧(ବ୍ୟୁରୋ)

**ପାଖେଇ ଆସୁଛି ଖଣ୍ଡଗିରି କୁମ୍ଭମେଳା**



ପାଖେଇ ଆସୁଛି ଖଣ୍ଡଗିରି କୁମ୍ଭମେଳା। ଜାଗମରାରୁ ପ୍ରଭୁ ଅନନ୍ତ କେଶରୀ ଶୋଭାଯାତ୍ରାରେ ବାହାରି ଉଦୟଗିରିସ୍ଥିତ ଲଳିତାକୁଣ୍ଡରେ ଚାପ ଖେଳିବେ। ଖଣ୍ଡଗିରି-ଉଦୟଗିରିରେ ରହିଥିବା ୫ ପବିତ୍ର ତଥା ପୁରାତନ ଜଳାଶୟ ମଧ୍ୟରୁ ଲଳିତାକୁଣ୍ଡ ଗୋଟିଏ ହୋଇଥିବାବେଳେ ଏହା ଅବହେଳିତ ହୋଇପଡ଼ିଛି। ସେହିଭଳି ଖଣ୍ଡଗିରି ପାର୍ଶ୍ୱରେ ଥିବା ରାଧାକୁଣ୍ଡ, ଶ୍ୟାମକୁଣ୍ଡ, ଗୁପ୍ତ ଗଙ୍ଗା ଓ ଆକାଶଗଙ୍ଗା ମଧ୍ୟ ପବିତ୍ରତା ହରାଇବାରେ ଲାଗିଛି। ଐତିହ୍ୟସ୍ଥଳ ଖଣ୍ଡଗିରି ଓ ଉଦୟଗିରିରେ ରହିଥିବା ଏହି ପୁରାତନ ଜଳାଶୟଗୁଡ଼ିକ କୁଣ୍ଡଗୁଡ଼ିକର ନାମକରଣର ମଧ୍ୟ ବିଶେଷତ୍ୱ ରହିଛି। କଳିଙ୍ଗ ସମ୍ରାଟ ମହାମେଘବାହାନ ଐରଖାରବେଳଙ୍କ ସମୟରେ ଏହି କୁଣ୍ଡଗୁଡ଼ିକ ଖନନ କରାଯାଇଥିବା ବିଶ୍ୱାସ କରାଯାଏ। ଗଙ୍ଗା ମା'ଙ୍କ ନାମରେ ରହିଛି ଦୁଇଟି ଜଳାଶୟ ଗୁପ୍ତଗଙ୍ଗା ଓ ଆକାଶଗଙ୍ଗା। ସେହିପରି ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାକୁ ନେଇ ଶ୍ୟାମକୁଣ୍ଡ, ରାଧାକୁଣ୍ଡ ଓ ଲଳିତାକୁଣ୍ଡର ନାମକରଣ କରାଯାଇଥିବା ପୌରାଣିକ ମତ ରହିଛି। ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବାବେଳେ ହଜାର ହଜାର ସଂଖ୍ୟକ ପ୍ରତିଦିନ ଖଣ୍ଡଗିରି ଓ ଉଦୟଗିରି ବୁଲିବାକୁ ଆସୁଛନ୍ତି। ଆବର୍ଜନାପୂର୍ଣ୍ଣ ଜଳାଶୟକୁ ଦେଖି ଆଉକେହି ତାହାକୁ ପବିତ୍ରକୁଣ୍ଡ ଭାବେ ବିଚାର କରୁନାହାନ୍ତି। ପୁରାତନ କାଳରେ ତପସ୍ୟା ପାଇଁ ଏଠାକୁ ଆସୁଥିବା ମୁନିଋଷିମାନେ ଏହି ଜଳାଶୟରେ ସ୍ନାନାଦି କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ କୁମ୍ଭମେଳାକୁ ସମଗ୍ର ଭାରତ ବର୍ଷରୁ ଆସୁଥିବା ସାଧୁସନ୍ଥ ବ୍ୟବହାର କରିଥା'ନ୍ତି। ସ୍ୱତନ୍ତ୍ର ମହତ୍ତ୍ୱ ରଖୁଥିବା ଏହି ଜଳାଶୟଗୁଡ଼ିକର ପୁନରୁଦ୍ଧାର ପାଇଁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ(ଏଏସ୍‌ଆଇ) ପକ୍ଷରୁ ଯୋଜନା କରାଯାଉଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ନ ହେବା ବିଡ଼ମ୍ବନାର ବିଷୟ ହୋଇଛି।

ସୂଚନାଥାଉ କି, ଖଣ୍ଡଗିରି ପାହାଡ଼କୁ ସଂରକ୍ଷିତ ଓ ଅଣସଂରକ୍ଷିତ ପର୍ଯ୍ୟଟନସ୍ଥଳୀ ଭାବେ ବର୍ଗୀକରଣ କରାଯାଇଛି। ଜୈନ ମନ୍ଦିର ଓ ବାରଭୁଜା ମନ୍ଦିର ଅଣସଂରକ୍ଷିତ ବର୍ଗରେ ରଖାଯାଇଥିବାବେଳେ ପାହାଡ଼ରେ ଥିବା ଐତିହାସିକ ଗୁମ୍ଫାଗୁଡ଼ିକ ସଂରକ୍ଷିତ ବର୍ଗରେ ସାମିଲ କରାଯାଇଛି। ବର୍ଷ ତମାମ ରାଜ୍ୟ ତଥା ଦେଶବିଦେଶରୁ ପର୍ଯ୍ୟଟକ ଏଠାକୁ ଭ୍ରମଣ ପାଇଁ ଆସନ୍ତି। ଅନେକ ଐତିହାସିକ ଓ ଐତିହ୍ୟ ଗବେଷକ ଏଠାକୁ ଆସି ଗବେଷଣା କରିଥା'ନ୍ତି। କିନ୍ତୁ ଏହି ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀର ଗୁରୁତ୍ୱ ବହନ କରୁଥିବା ୫ ଜଳାଶୟର ରକ୍ଷଣାବେକ୍ଷଣା କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ଏହି ଐତିହ୍ୟସ୍ଥଳ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଅଧୀନରେ ରହୁଥିବାରୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହାର ପୁନରୁଦ୍ଧାର ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତେବେ ପଞ୍ଚତୀର୍ଥ ଭାବେ ପରିଚିତ ଏହି ପାଞ୍ଚ ଜଳାଶୟର ପୁନରୁଦ୍ଧାର ସହ ଶିଳାଲେଖ ଆଦିର ଉପଯୁକ୍ତ ସଂରକ୍ଷଣ କରାଯିବା ନେଇ ସାଧାରଣରେ ଦାବି ହେଉଛି। ଆସନ୍ତା ଏପ୍ରିଲରେ ଦୁଇ ଐତିହ୍ୟ ପାହାଡ଼ର ଉନ୍ନତିକରଣ ପାଇଁ ଏଏସ୍‌ଆଇ ପକ୍ଷରୁ ଯୋଜନା କରାଯାଉଥିବା ସୂଚନା ମିଳିଛି। ବାରଭୁଜା ଆଶ୍ରମ ଟ୍ରଷ୍ଟ କୋଷାଧ୍ୟକ୍ଷ ଦୀନବନ୍ଧୁ ଜେନାଙ୍କ କହିବାନୁସାରେ ଗତ କିଛିଦିନ ତଳେ ଏଏସ୍‌ଆଇର ଅଧିକାରୀମାନେ ସମସ୍ତ ଜଳାଶୟ ପରିଦର୍ଶନ କରିଥିଲେ। ଏଗୁଡ଼ିକର ପୁନରୁଦ୍ଧାର ପାଇଁ ଆଲୋଚନା କରାଯାଇଥିଲା। ସମସ୍ତ ଜଳାଶୟକୁ ପରିଷ୍କାର କରାଯିବା ସହ ଚାରିପଟେ ରେଲିଂ ଲଗାଯିବ। ତେବେ ବର୍ତ୍ତମାନ ସୁଦ୍ଧା କୌଣସି ପରିଷ୍କରଣ କାର୍ଯ୍ୟ ଆରମ୍ଭ ହୋଇ ନାହିଁ।

**ବିଭାଗ ସହ ଆଲୋଚନା କରି ପଦକ୍ଷେପ ନିଆଯିବ**

ଏଏସ୍‌ଆଇ ଭୁବନେଶ୍ୱର ସର୍କଲର ଇନ୍‌ଚାର୍ଜ ସୁଶାନ୍ତ କର କହିଛନ୍ତି, ଖଣ୍ଡଗିରି ଓ ଉଦୟଗିରି ପାହାଡ଼ରେ ଥିବା ୫ ପବିତ୍ର ଜଳାଶୟ ଅବହେଳିତ ଥିବା ସେ ଅବଗତ ଅଛନ୍ତି। ଏନେଇ ବିଭାଗ ସହ ଆଲୋଚନା କରିବି। ଖଣ୍ଡଗିରି ମେଳା ପୂର୍ବରୁ ହୋଇଥିବା ଯୋଜନା କାର୍ଯ୍ୟକାରୀ କରାଯିବା ସହ ଆବଶ୍ୟକସ୍ଥଳେ ଯୋଜନାରେ ପରିବର୍ତ୍ତନ କରାଯାଇ ଜଳାଶୟଗୁଡ଼ିକର ପୁନରୁଦ୍ଧାର ପାଇଁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି।

**ମହତ୍ତ୍ୱ ଜାଣି ଆଶ୍ଚର୍ଯ୍ୟ ହେଲୁ, ରକ୍ଷଣାବେକ୍ଷଣ ଜରୁରୀ**

ପର୍ଯ୍ୟଟକ ମନିଷ କହିଛନ୍ତି, ଆମେ ରାଜସ୍ଥାନରୁ ଖଣ୍ଡଗିରି ବୁଲିବାକୁ ଆସିଥିଲୁ। ପାହାଡ଼ ଉପରେ ଜଳାଶୟ ମଧ୍ୟ ଦେଖିଲୁ, କିନ୍ତୁ ଜାଣି ନ ଥିଲୁ ଏସବୁର ଏତେ ମହତ୍ତ୍ୱ ରହିଛି। ସ୍ଥାନୀୟ ଜଣେ ବନ୍ଧୁ ଆମ ସହ ଥିଲେ। ସେ ଏସବୁ ବିଷୟରେ ଆମକୁ କହିବା ପରେ ଆମେ ଆଶ୍ଚର୍ଯ୍ୟ ହେଲୁ। ଯଦି ବାସ୍ତବରେ ଏସବୁ ଏତେ ପବିତ୍ର ଜଳାଶୟ ହୋଇଥାଏ ତେବେ ରକ୍ଷଣାବେକ୍ଷଣ ଜରୁରୀ।

## ଯୌତୁକ ନିର୍ଯାତନାରୁ ଆତ୍ମହତ୍ୟା କରିଥିଲେ ସୁନୀତା

**ଅଭିଯୁକ୍ତ ସ୍ୱାମୀ ଗିରଫ**

ଭୁବନେଶ୍ୱର, ୫।୧(ବ୍ୟୁରୋ)

ଖଣ୍ଡଗିରି ଥାନା ଅନ୍ତର୍ଗତ ପଞ୍ଚସଖା ନଗରରେ ସୁନିତା ନାଏକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ପୋଲିସ ପରଦା ଉଠାଇଛି। ଯୌତୁକ ନିର୍ଯାତନାରୁ ସୁନିତା ଆତ୍ମହତ୍ୟା କରିଥିଲେ ବୋଲି ତଦନ୍ତରୁ ଜଣାପଡ଼ିବା ପରେ ଅଟକ ଥିବା ଅଭିଯୁକ୍ତ ସ୍ୱାମୀ ବିମଳ ବିଭୂତି ପଟ୍ଟନାୟକଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅଞ୍ଚଳର ସୁନିତା ଓ ହରିହରପୁର ଥାନା ଅଞ୍ଚଳର ବିମଳ ଗତ ଏପ୍ରିଲ ୫ରେ ବିବାହ କରିଥିଲେ। ଏହା ପୂର୍ବରୁ ଉଭୟ ବିବାହିତ ଥିଲେ ମଧ୍ୟ ଛାଡ଼ପତ୍ର ନ କରି ଦ୍ୱିତୀୟ ବିବାହ କରିଥିଲେ। ପରେ ବିମଳ ପଞ୍ଚସଖା ନଗରରେ ଘର ଭଡା ନେଇ ସ୍ତ୍ରୀ ସୁନିତାଙ୍କ ସହ ରହୁଥିଲେ। ତେବେ ବିବାହର କିଛି ମାସ ପରେ ବିମଳ ସ୍ତ୍ରୀଙ୍କୁ ଯୌତୁକ ଦାବି କରି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ବିମଳ ରବିବାର ଅପରାହ୍ନରେ ଶ୍ୱଶୁର ଘର ଲୋକଙ୍କୁ ଗାଳି ଦେଉଥିବା ସମୟରେ ସୁନିତା ଅନ୍ୟ ଏକ ରୁମ୍‌ର ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏନେଇ ସୁନିତାଙ୍କ ପରିବାର ଲୋକ ହତ୍ୟା ଅଭିଯୋଗ ଆଣିବା ପରେ ପୋଲିସ ଏକ ମାମଲା (୧/୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା।

## ମଣ୍ଡିରେ ଧାନକିଣା ଆରମ୍ଭ

ବାଲିଅନ୍ତା,୫।୧(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପରୁଦ୍ରପୁର ସେବା ସମବାୟ ସମିତି ପକ୍ଷରୁ ବୁଧବାର ଧାନକିଣା ଶୁଭାରମ୍ଭ ହୋଇଛି। ଧାନମଣ୍ଡି ଉଦ୍‌ଘାଟନ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଶ୍ରଦ୍ଧେୟା ପାତ୍ର, ସମିତି ସଭ୍ୟା ସୋମାଲିକା ମହାନ୍ତି, ଜିଲାପରିଷଦ ସଭ୍ୟ ମଙ୍ଗରାଜ ବେହେରା, ଏସ୍ଏସ୍ଓ ଗାୟତ୍ରୀ ପଟ୍ଟନାୟକ, ସମିତି ସଭାପତି ସୁଧୀର ଚରଣ ପ୍ରଧାନଙ୍କ ସମେତ ଚାଷ କମିଟି ସଭ୍ୟ ଓ ସମିତି ଡାଇରେକ୍ଟରମାନେ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଚାଷୀଙ୍କଠାରୁ ୨୪୯ କୁଇଣ୍ଟାଲ ଧାନ କ୍ରୟ ହୋଇଥିଲା। ସମିତି ମାଧ୍ୟମରେ ସରକାରଙ୍କୁ ସେମାନଙ୍କ ନାମ ପଞ୍ଜୀକରଣବେଳେ ପ୍ରଥମ ଦିନରେ ୨୭ ଜଣ ଚାଷୀଙ୍କୁ ଟୋକନ ଦିଆଯାଇଥିବା ସମ୍ପାଦକ ବିଶ୍ୱନାଥ ପଣ୍ଡା କହିଛନ୍ତି।



ଭଞ୍ଜକଳା ମଣ୍ଡପରେ ଗୁରୁବାର ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ 'ସସ୍ନେହ'ରେ ଉପସ୍ଥିତ ଅତିଥିଙ୍କ ସହ ନୃତ୍ୟଶିଳ୍ପୀ।

## ୫ ଲକ୍ଷ କ୍ଷତିପୂରଣ ଦେବେ ରାଜ୍ୟ ସରକାର

**ଟ୍ରକ୍ ଧକ୍କାରେ କଲେଜ ଛାତ୍ରୀଙ୍କ ମୃତ୍ୟୁ ମାମଲା**

କଟକ ଅଫିସ,୫।୧:

କଟକ କଲେଜ ଛକ ନିକଟରେ ୨୦୧୯ରେ ଟ୍ରକ ଧକ୍କାରେ ମୃତ ଯୁକ୍ତ ୩ ଛାତ୍ରୀ ଅନ୍ନପୂର୍ଣ୍ଣା ଚୌଧୁରୀଙ୍କ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ରାଜ୍ୟ ସରକାର ପ୍ରଦାନ କରିବେ। ଏନେଇ ହାଇକୋର୍ଟ ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ଆଗତ ମାମଲାର ବିଚାର କରି ଓଡ଼ିଶା ରାଜ୍ୟ ମାନବାଧିକାର ଆୟୋଗ(ଓଏଚ୍ଆର୍‌ସି) ଗୁରୁବାର ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରାଜ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ପାଇଁ ଆଧୁନିକ ସଡ଼କ ବ୍ୟବସ୍ଥା କରିବାକୁ ସରକାର ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଛନ୍ତି। ସରକାର ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟରେ ଟ୍ରାଫିକ ପୋଲିସର ଦକ୍ଷତା ବୃଦ୍ଧି ପାଇଁ ଗୁରୁତର ସହ ଚିନ୍ତା କରିବା ଉଚିତ୍। ଟ୍ରାଫିକ ପୋଲିସ ବର୍ଷରେ ୨ ଥର ତାଲିମ ନେବା ଉଚିତ୍। ଟ୍ରାଫିକ ନିୟମ ପାଳନରେ ଛୋଟ ବ୍ୟତିକ୍ରମକୁ ବି ଅଣଦେଖା ନ କରିବାକୁ ସେମାନଙ୍କୁ ଶିକ୍ଷା ଦିଆଯିବା ଦରକାର। ଭୁବନେଶ୍ୱର-କଟକରେ ସଡ଼କ ବ୍ୟବସ୍ଥାକୁ ଯାଞ୍ଚ କରିବା ସହ ଆବଶ୍ୟକ ଡିଜାଇନ ବଦଳାଇବା ପାଇଁ ବିଶେଷଜ୍ଞଙ୍କ ସହାୟତା ନିଆଯାଉ। ଆଧୁନିକ ଡିଜାଇନ ଦ୍ୱାରା ଛକଗୁଡ଼ିକରେ ଟ୍ରାଫିକ ଲାଇଟ୍‌କୁ ହଟାଇ ବିନାବାଧାରେ ଗାଡ଼ି ଚଳାଚଳର ବ୍ୟବସ୍ଥା କରାଯିବା ସହ ନିୟମିତ ଭାବେ ସଡ଼କ ମରାମତି କରାଯାଉ। ରାସ୍ତାର ଉଭୟ ପାର୍ଶ୍ୱରୁ କ୍ୟାବିନ ଓ ଦୋକାନଗୁଡ଼ିକୁ ତୁରନ୍ତ ହଟାଇ ବେଆଇନ ନିର୍ମାଣକୁ ଭାଙ୍ଗି ଦିଆଯାଉ। ରାସ୍ତାର ଉଭୟ ପାର୍ଶ୍ୱରେ ସାଇକେଲ ଚଲାଇବା ପାଇଁ ରାସ୍ତା ତିଆରି କରାଯାଉ। ସାଇକେଲ ଓ ଇ-ଯାନ ବ୍ୟବହାରକୁ ଉତ୍ସାହିତ କରାଯାଉ। ମେଟ୍ରୋ ପଲିଟାନ ସିଟି ଭଳି ଇଣ୍ଟେଲିଜେଣ୍ଟ ଟ୍ରାଫିକ ବ୍ୟବସ୍ଥା ଗ୍ରହଣ କରାଯିବା ଉପରେ ସରକାର ପଦକ୍ଷେପ ନେବା ଦରକାର। ଏଥିସହ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଓଏଚ୍ଆର୍‌ସି ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

## ୩୧୦ଙ୍କୁ ନିଯୁକ୍ତି, ୭୫ଙ୍କୁ ପ୍ରଶିକ୍ଷଣ ପାଇଁ ଚୟନ

**ନିଯୁକ୍ତି ମେଳା ଓ ପରାମର୍ଶ ଶିବିର**

ଭୁବନେଶ୍ୱର, ୫।୧ (ବ୍ୟୁରୋ)



ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଓଡିଶା ପକ୍ଷରୁ ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଗୁରୁବାର ୟୁନିଟ-୮ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ କ୍ଷୁଦ୍ର ନିଯୁକ୍ତି ମେଳା ତଥା ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ଟି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଯୋଗଦେଇଥିଲେ। ଏହାବ୍ୟତୀତ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିବା ୫ଟି ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ସାମିଲ ହୋଇଥିଲେ। ଶିବିରରେ ଭୁବନେଶ୍ୱର ସମେତ ଜଟଣୀ, ବାଲିଅନ୍ତା ଓ ବାଲିପାଟଣା ପଞ୍ଚାୟତ ସମିତି ଅନ୍ତର୍ଗତ ୫ମ ଶ୍ରେଣୀ ପାସ୍‌ଠାରୁ ସ୍ନାତକ ବା ଆଇଟିଆଇ, ଡିପ୍ଲୋମା, ଏଏନଏମ, ଜିଏନ୍ଏମ ଆଦି ବିଭିନ୍ନ ଶିକ୍ଷାଗତ ଯୋଗ୍ୟତା ଥିବା ୪୩୭ଜଣ ନିଯୁକ୍ତି ଆଶାୟୀ ନାମ ପଞ୍ଜୀକରଣ କରିଥିଲେ। ଏମାନଙ୍କ ମଧ୍ୟରୁ ୩୧୦ଜଣ ନିଯୁକ୍ତି ପାଇଁ ଚୟନ ହୋଇଥିବାବେଳେ ୭୫ଜଣଙ୍କୁ ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ଦିଆଯିବ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ କୁମାର ରାଉତରାୟ ମେଳାକୁ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ବିଡିଓ ସମ୍ପଦ କୁମାର ଦଳାଇ, ଆଞ୍ଚଳିକ ନିର୍ଦ୍ଦେଶକ (ନିୟୋଜନ) ଭୁବନେଶ୍ୱରର ବିଜୟ କୁମାର ପାତ୍ର, ଓରମାସ୍ ଉପ-କାର୍ଯ୍ୟନିର୍ବାହୀ ଅଧିକାରୀ ଗୁଣ୍ଡିଚା ବେହେରା ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଠାଣି ରାଉତ ପ୍ରମୁଖ ଯୋଗଦେଇ ନିଯୁକ୍ତି ଓ ପ୍ରଶିକ୍ଷଣ ପାଇଁ ଚୟନ ହୋଇଥିବା ଯୁବତୀଯୁବକଙ୍କୁ ଉତ୍ସାହିତ କରିଥିଲେ। ନିଯୁକ୍ତି ପ୍ରଦାନକାରୀ ସଂସ୍ଥାର ମୁଖ୍ୟ ତଥା ପ୍ରତିନିଧିମାନେ ସେମାନଙ୍କ ସଂସ୍ଥାରେ ନିଯୁକ୍ତି ପରିପ୍ରେକ୍ଷୀରେ ରହିଥିବା ସୁବିଧା ସୁଯୋଗ ସମ୍ପର୍କରେ ଅବଗତ କରାଇଥିଲେ। ଜିଲା ନିୟୋଜନ କାର୍ଯ୍ୟାଳୟ ଖୋର୍ଦ୍ଧାର ଦେବାଶିଷ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶୁକ୍ରବାର ଖୋର୍ଦ୍ଧା ଜିଲାର ଅନ୍ୟ ୬ଟି ପଞ୍ଚାୟତ ସମିତି ଅନ୍ତର୍ଗତ ନିଯୁକ୍ତି ଆଶାୟୀଙ୍କ ପାଇଁ ଏପରି ଶିବିର ଖୋର୍ଦ୍ଧା ଜିଲା ସଦର ମହକୁମା ଅନ୍ତର୍ଗତ ପୌର ପରିଷଦ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବ।

## ନାବାଳିକା ଛାତ୍ରୀଙ୍କୁ ରାସ୍ତାରେ ଦୁର୍ବ୍ୟବହାର

**୨ ଗିରଫ,ସହଯୋଗୀ ଫେରାର**

ଭୁବନେଶ୍ୱର, ୫।୧(ବ୍ୟୁରୋ):

କଥା ହେବାକୁ ମନା କରିବାରୁ ଟ୍ୟୁଶନ ସାରି ଘରକୁ ଫେରୁଥିବା ବେଳେ ଜଣେ ନାବାଳିକା ଛାତ୍ରୀଙ୍କୁ ରାସ୍ତାରେ ଅଟକାଇ ଦୁର୍ବ୍ୟବହାର କରିବା ସହ ଜୀବନରୁ ମାରିଦେବା ଲାଗି ଧମକ ଦେବା ଅଭିଯୋଗରେ ୨ ଜଣଙ୍କୁ ଲିଙ୍ଗରାଜ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ପୁରୁଣା ଭୁବନେଶ୍ୱରର ଦୁର୍ଗା ଚରଣ ଭୂୟାଁ ଓ ସୁରଜ ବେହେରା ଓରଫ ହାପି। ଏନେଇ ପୋଲିସ ଦଫା ୩୪୧/୩୨୩/୨୯୪ (ବି)/୩୫୪ (ଏ)/୩୫୪ (ବି)/୩୫୪ (ଡି)/୫୦୯/ ୫୦୬/ ୪୨୭/ ୩୪ ଏବଂ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ସୂଚନାନୁସାରେ, ବୁଧବାର ସନ୍ଧ୍ୟା ପ୍ରାୟ ୮ଟାରେ ନାବାଳିକା ଛାତ୍ରୀଜଣଙ୍କ ରବିଟକିଜ ଛକରୁ ଟ୍ୟୁଶନ ସାରି ବିନ୍ଦୁସାଗର ରାସ୍ତାରେ ଘରକୁ ଫେରୁଥିବା ସମୟରେ ତରଙ୍ଗ କ୍ଲବ ନିକଟରେ ତିନିଜଣ ତାଙ୍କୁ ରାସ୍ତାରେ ଅଟକାଇବା ସହିତ ତାଙ୍କୁ ଅଶାଳୀନ ବ୍ୟବହାର କରିଥିଲେ। ଛାତ୍ରୀଜଣଙ୍କ ବିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିମନ୍ଦ କରିବା ସହିତ ନାନାପ୍ରକାର ଧମକ ଦେଇଥିଲେ। ଏପରିକି ତାଙ୍କ ସାଇକେଲକୁ ଭାଙ୍ଗି ସେଠାରେ ଫୋପାଡି ଦେଇଥିଲେ। ପୀଡ଼ିତା ଜଣକ ଏ ନେଇ ଘରକୁ ଫେରି ଘଟଣା ବିଷୟରେ ଜଣାଇଥିଲେ। ଅଭିଯୋଗ ପରେ ଲିଙ୍ଗରାଜ ଥାନା ପୋଲିସ ତଦନ୍ତ କରି ୨ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର୍ ହୋଇଯାଇଛନ୍ତି। ଫେରାର ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ ଚଳାଇଛି।

## ବୁଦ୍ଧ ପାର୍କରେ 'ମ୍ୟୁଜିକ୍ ଇନ୍ ପାର୍କ'

ଭୁବନେଶ୍ୱର,୫।୧(ବ୍ୟୁରୋ)

ହକି ବିଶ୍ୱକପ୍ ସହ ସହରବାସୀଙ୍କୁ ଯୋଡ଼ିବା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି। ଗୁରୁବାର ସ୍ଥାନୀୟ ବୁଦ୍ଧ ପାର୍କରେ 'ମ୍ୟୁଜିକ୍ ଇନ୍ ପାର୍କ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବିଧାୟକ ସୁଶାନ୍ତ କୁମାର ରାଉତ ଓ ମେୟର ସୁଲୋଚନା ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ବରୁ ଇନ୍ଦିରା ଗାନ୍ଧୀ ପାର୍କ ଓ ବିଜୁ ପଟ୍ଟନାୟକ ପାର୍କରେ ଏହି କାର୍ଯ୍ୟକ୍ରମ ସରିଛି। ବୁଦ୍ଧପାର୍କ କାର୍ଯ୍ୟକ୍ରମରେ ଜଣାଶୁଣା କଣ୍ଠଶିଳ୍ପୀଙ୍କ ସମେତ ସ୍ଥାନୀୟ ପ୍ରତିଭା ସାମିଲ ହୋଇଥିଲେ। ପ୍ରାୟ ୫୦୦ ଊର୍ଦ୍ଧ୍ୱ ଦର୍ଶକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ସ୍ଥାନୀୟ କର୍ପୋରେଟର ମୋନାଲିସା ସାହୁ, ଭାରତୀ ସିଂହ, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଜୋନାଲ ଡେପୁଟି କମିଶନର ପୁରନ୍ଦର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

## ୩ ଡ୍ରାଇଭର ଗିରଫ, କାର୍ ଜବତ

**ମହିଳା ଏସ୍ଆଇଙ୍କୁ ଖଣ୍ଡାଦେଖାଇ ଆକ୍ରମଣ ଉଦ୍ୟମ ଘଟଣା**

ଭୁବନେଶ୍ୱର,୫।୧(ବ୍ୟୁରୋ)

ଶହୀଦନଗର ଥାନା ଅନ୍ତର୍ଗତ ଆଚାର୍ଯ୍ୟ ବିହାରସ୍ଥିତ ସାଇନ୍ସ ପାର୍କ ନିକଟରେ ମଧ୍ୟରାତ୍ରିରେ ମହିଳା ଥାନା ଏସ୍ଆଇ ଶୁଭଶ୍ରୀ ନାୟକଙ୍କୁ ଗାଳିଗୁଳଜ କରିବା ସହ ଗୋଡ଼ାଇ ଗୋଡ଼ାଇ ଖଣ୍ଡା ଦେଖାଇ ଆକ୍ରମଣ ଉଦ୍ୟମ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା ନୟାଗଡ଼ ଜିଲା ରଣପୁରର ଚକ ଓରଫ କୁନା ଚନ୍ଦ୍ର ସାହୁ (୨୩), ବୌଦ୍ଧ ଜିଲାର ଅରୁ ଓରଫ ଅରେନ୍ଦା ମହାକୁଦ (୨୮) ଓ ପଦିଆ ଓରଫ ପ୍ରଦୀପ ବେହେରା (୩୫)। ଘଟଣା ସମୟରେ ସେମାନେ ବ୍ୟବହାର କରିଥିବା ଇନୋଭା ଗାଡ଼ି (ନଂ.ଓଡି୧୩ସି୮୭୮୭)କୁ ଜବତ କରାଯାଇଥିବା ବେଳେ କୌଣସି ମାରଣାସ୍ତ୍ର ମିଳି ନାହିଁ। କାର ମୁହାଁମୁହିଁକୁ ନେଇ ଅଭିଯୁକ୍ତମାନେ ମହିଳା ଏସ୍ଆଇଙ୍କୁ ଗାଳିଗୁଳଜ କରିବା ସହ ଧମକ ଦେଇଥିବା ତଦନ୍ତରୁ ଜଣାପଡ଼ିଛି। ଏହି ୩ ଜଣଙ୍କ ବ୍ୟତୀତ ଉକ୍ତ କାର୍‌ରେ ଆଉ କେହି ନ ଥିଲେ ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ତେବେ ଗିରଫ ୩ ଅଭିଯୁକ୍ତ ପେସାରେ ଡ୍ରାଇଭର। ସେମାନଙ୍କ ମଧ୍ୟରୁ ଜଣଙ୍କୁ ପୁରୀ ଜିଲା ସାତପଡ଼ାରୁ, ଆଉ ଜଣଙ୍କୁ ଜଗତପୁର ଓ ଅନ୍ୟଜଣଙ୍କୁ ଭୁବନେଶ୍ୱରରୁ ଗିରଫ କରାଯାଇଛି। ଅଧିକ ତଥ୍ୟ ପାଇଁ ସିସିଟିଭି ଫୁଟେଜ ଯାଞ୍ଚ କରାଯିବା ସହ ତଦନ୍ତ ଚାଲୁ ରହିଥିବା ଡିସିପି କହିଛନ୍ତି। ଅନ୍ୟପକ୍ଷରେ ଆକ୍ରମଣ ନୁହେଁ, ଭୁଲ୍ ମାଗିବାକୁ ପିଛା କରୁଥିଲୁ ବୋଲି ଜଣେ ଅଭିଯୁକ୍ତ ଗଣମାଧ୍ୟମ ଆଗରେ କହିଛନ୍ତି।

ସୂଚନା ଅନୁସାରେ, ସୋମବାର ରାତି ୧ଟା ୩୦ରେ ୩ ଅଭିଯୁକ୍ତ ଏକ ପାର୍ଟିରେ ଯୋଗ ଦେଇ ଇନୋଭା ଗାଡ଼ିରେ ଫେରୁଥିବାବେଳେ ସାଇନ୍ସ ପାର୍କ ନିକଟରେ ମହିଳା ଏସ୍ଆଇ ଶୁଭଶ୍ରୀ ନାୟକଙ୍କ କାର୍ ତାଙ୍କ ଗାଡ଼ି ସହ ସାମ୍ନାସାମ୍ନି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସେମାନେ କାର୍‌ରେ ଥିବା ଏସ୍ଆଇଙ୍କୁ ଗାଳିଗୁଳଜ କରିବା ସହ ତାଙ୍କ ଗାଡ଼ିକୁ ପିଛା କରି ମାରଣାସ୍ତ୍ରରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏସ୍ଆଇ ଜଣକ ରିଜର୍ଭ ଗ୍ରାଉଣ୍ଡ ଭିତରକୁ ଗାଡ଼ି ନେଇ ଜୀବନ ବଞ୍ଚାଇଥିଲେ। ପରେ ଏନେଇ ସେ ଶହୀଦନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାକୁ ଗୁରୁତର ସହ ନେଇ ଖୋଳତାଡ଼ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତରୁ ଉକ୍ତ ଗାଡ଼ିଟି ଚକଙ୍କର ଓ ସେ ସାଇନ୍ସ ପାର୍କ ପଛ ବସ୍ତିରେ ରହୁଥିବା ଜାଣିବାକୁ ପାଇଥିଲେ। ଏହାପରେ ପୋଲିସ ତାଙ୍କୁ ପ୍ରଥମେ ଗିରଫ କରିବା ପରେ ତାଙ୍କର ୨ ସହଯୋଗୀ ଅରୁ ଓ ପଦିଆଙ୍କୁ ଗିରଫ କରିଥିଲା।



ଗିରଫ ୩ ଅଭିଯୁକ୍ତ।

## ଆଜି କ'ଣ କେଉଁଠି

**କଟକ**

- କଜିଲାସ୍ତରୀୟ କୃଷିମେଳାରେ କୃଷି ପାଠଶାଳା, ଖ୍ରୀଷ୍ଟିଆନ ସାହି ଖେଳପଡ଼ିଆ, ତୁଳସୀପୁର, ପୂର୍ବାହ୍ନ ୧୦ଟା ୩୦।
- ଇମର୍ତ୍ତି ଦେବୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ଶହୀଦ ଭବନ, ପୂର୍ବାହ୍ନ ୧୧ଟା।
- ସାହିତ୍ୟ ପତ୍ରିକା 'ସମ୍ପର୍କର ସେତୁ' ଉନ୍ମୋଚନ ଉତ୍ସବ, କର୍ମଚାରୀ ସମନ୍ୱୟ ସମିତି କାର୍ଯ୍ୟାଳୟ, ମାଛୁଆ ବଜାର, ପୂର୍ବାହ୍ନ ୧୧ଟା।
- ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ୧୪ତମ କଟକ ମହୋତ୍ସବର ତୃତୀୟ ସନ୍ଧ୍ୟା, କଳା ବିକାଶ କେନ୍ଦ୍ର, ସନ୍ଧ୍ୟା ୬ଟା।
- ରାମଲୀଳା ପ୍ରଚାର ସମିତି ପକ୍ଷରୁ ଗ୍ରାମସଭା, ଦୁର୍ଗା ମଣ୍ଡପ, ଚୌଧୁରୀ ବଜାର, ସନ୍ଧ୍ୟା ୭ଟା।

**ତିଗିରିଆ**

- ବୈଦିକ ଆର୍ଯ୍ୟ ସମାଜ ଆନୁକୂଲ୍ୟରେ ୩୦ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ, ରାମେଶ୍ୱର ପୀଠ ନୂଆପାଟଣା, ଜେମାଦେଇପୁର, ସକାଳ ୯ଟା।
- ବିଭିନ୍ନ ପଞ୍ଚାୟତର ୯ ଗୋଟି ରାସ୍ତାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ, ମହୁଲଡିପ ସୋମପଡା ପଞ୍ଚାୟତ, ସକାଳ ୯ ଟା।

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆଦିବାସୀଙ୍କ ବିକ୍ଷୋଭ

ରଘୁନାଥପୁର,୫।୧(ଡି.ଏନ୍.ଏ.)

ସାରା ଭାରତ ଜନ ଅଧିକାର ସୁରକ୍ଷା କମିଟି ଜଗତ୍‌ସିଂହପୁର ଶାଖା ପକ୍ଷରୁ ରଘୁନାଥପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଆଦିବାସୀମାନେ ବିକ୍ଷୋଭ କରିଛନ୍ତି। ଘରଡିହ ପଟ୍ଟା, ଆବାସ ଗୃହ ଯୋଜନାରେ ସାମିଲ ସହ ଅନ୍ୟାନ୍ୟ ଦାବି ନେଇ ଏହି ବିକ୍ଷୋଭ କରାଯାଇଥିଲା। ଜିଲା ଆବାହକ ପ୍ରଦୀପ୍ତ ରାମ ଓ ଶାମ ସିଂ ଏହାର ନେତୃତ୍ୱ ନେଇଥିଲେ। ଆଦିବାସୀମାନେ ପୂରଣ ଓଡ଼ପଡ଼ାରୁ ଏକ ଶୋଭାଯାତ୍ରାରେ ଆସି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ।

ଆଦିବାସୀ ମହିଳା ଓ ପୁରୁଷମାନେ ପାରମ୍ପରିକ ସଙ୍ଗୀତ ଗାନ କରି ନିଜର ପ୍ରତିବାଦ ଜଣାଇଥିଲେ। ବିକ୍ଷୋଭ ସ୍ଥଳରେ ବିଶ୍ୱାବସୁ ଦାସ, ଶ୍ରମିକ ନେତା ରାଜକିଶୋର ମଲ୍ଲିକ, କୃଷକ ନେତା ସୁବାସ ସ୍ୱାଇଁ, ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ଦାସ ଓ ଉପସଭାପତି ଆର୍ତ୍ତତ୍ରାଣ ପଣ୍ଡା ଏବଂ ମାନସ ଗୋଚ୍ଛାୟତ ପହଞ୍ଚି



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଜନ ଅଧିକାର କମିଟି ପକ୍ଷରୁ ବିକ୍ଷୋଭ କରାଯାଉଛି।

### ଆବାସ ଗୃହ ଯୋଜନାରେ ସାମିଲ, ଘରଡିହ ପଟ୍ଟା ଦାବି

ଆଦିବାସୀମାନଙ୍କୁ ସମର୍ଥନ ଜଣାଇବା ସହ ପ୍ରତିବାଦ କରିଥିଲେ। ଏନେଇ ଆୟୋଜିତ ସଭାରେ ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ଆଇନଗତ ସୁରକ୍ଷା ଓ ସୁବିଧା ସୁଯୋଗ ସମ୍ପର୍କରେ ସଚେତନ କରାଯିବା ସହ ଜଙ୍ଗଲ ସଂରକ୍ଷଣ ନିୟମାବଳୀ–୨୦୨୨କୁ ରଦ୍ଦ କରି ଜଙ୍ଗଲ ଅଧିକାର ଆଇନ ୨୦୦୬କୁ କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଥିଲା। ଏ ସମ୍ପର୍କରେ ଏକ ଦାବିପତ୍ର ତହସିଲଦାର ରୁପାଲିକା ଦାଶଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ଆଇନଜୀବୀ ଅନିଲ କୁମାର ମହାପାତ୍ର ସହଯୋଗ କରିଥିବାବେଳେ ମୁନା ସିଂ, ବାସନ୍ତୀ ସିଂ, ବୁଲୁ ସିଂ, କାବୁଲା ସିଂ, ମିନତି ସିଂ, ମୀନା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ରବିଚାଷ ପାଇଁ ଚାଷୀଙ୍କୁ ମିଳିବ ଋଣ

ବାଙ୍କୀ,୫।୧(ସ୍ୱ.ପ୍ର.)

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ଦ୍ୱିତୀୟ ପରିଚାଳନା କମିଟି ବୈଠକ ବ୍ୟାଙ୍କ ଅନ୍ତର୍ଗତ ନରସିଂହପୁର ସମବାୟ ଶାଖା କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାତ୍ରୀ ପରିଚାଳନା କମିଟି ସଭ୍ୟ, ବ୍ୟାଙ୍କ ଓ ଶାଖା କର୍ମଚାରୀଙ୍କୁ ନୂତନ ବର୍ଷ ନିମନ୍ତେ ସ୍ୱାଗତ ଜଣାଇଥିଲେ। ତିଗିରିଆ ଶାଖା ପରିଚାଳକ ଅକ୍ଷୟ ସାମଲ ବୈଠକର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବ୍ୟାଙ୍କର ବିଭିନ୍ନ ଶାଖାଗୁଡ଼ିକରେ ରବି ଚାଷ ପାଇଁ ଚାଷୀଙ୍କୁ ଋଣ ପ୍ରଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ଚାଷୀଙ୍କର ଆର୍ଥିକ ପରିସ୍ଥିତି କିପରି ଉନ୍ନତି ହୋଇପାରିବ, ସେଥିପାଇଁ ଗୁରୁତ୍ୱ ଦିଆଯାଇଥିଲା। ଏହିଅବସରରେ ରବିଚାଷ ପାଇଁ ଋଣ ଲଗାଣ ସହ ଚାଷ ଉପଯୋଗୀ ଉପକରଣ ଯୋଗାଣ, କ୍ୟାଶ୍ କ୍ରେଡିଟ୍ ଋଣ ଲଗାଣ ନିମନ୍ତେ ନିଷ୍ପତ୍ତି ହୋଇଥିଲା। ବ୍ୟାଙ୍କ ଶାଖା ପରିଚାଳକମାନେ ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବ୍ୟାଙ୍କର ଉନ୍ନତି ପାଇଁ ସହଭାଗିତାରେ କିପରି ଅଧିକରୁ ଅଧିକ ବ୍ୟକ୍ତି ଯୋଗଦେବେ ସେଥିପ୍ରତି ସମିତି ସମ୍ପାଦକ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା।

## ସଂକ୍ଷେପରେ

### ନବାଳିକାଙ୍କୁ ଅପହରଣ: ଥାନାରେ ମାମଲା

**ନିଶ୍ଚିନ୍ତକୋଇଲି,୫।୧(ସ୍ୱ.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ପଞ୍ଚାୟତର ଜଣେ ନାବାଳିକାଙ୍କୁ ଅପରହରଣ କରି ନିଆଯାଇଥିବା ନେଇ ନେମାଳ ଥାନାରେ ଅଭିଯୋଗ ହୋଇଛି। ନାବାଳିକାଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ନାବାଳିକା ନବମ ଶ୍ରେଣୀର ଛାତ୍ରୀ। ତାଙ୍କୁ କିଶୋର ନଗର ଥାନା ଅଞ୍ଚଳର ଜଣେ ଦଳିତ ଯୁବକ ଅପହରଣ କରିନେଇଛନ୍ତି। ଅଭିଯୋଗକୁ ଭିତ୍ତି କରି ନେମାଳ ଥାନାରେ ମାମଲା (ନଂ.୧/୨୩) ରୁଜୁ ହୋଇଛି।

### ପାଠପଢ଼ା ସହ ଖେଳ ଗୁରୁତ୍ୱପୂର୍ଣ୍ଣ

**ମାହାଙ୍ଗା,୫।୧(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ କୁହୁଣ୍ଡା ପଞ୍ଚାୟତସ୍ଥିତ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟ କୋଠପଦାର ବାର୍ଷିକ କ୍ରୀଡ଼ା ଉତ୍ସବକୁ କବି ନାରାୟଣ ମୁଦୁଲି ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ଦାଶଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କବି ନାରାୟଣ ମୁଦୁଲି, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଅଲେଖ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ପାଠପଢ଼ା ସହ ଖେଳ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ମାଗୁଣି ଚରଣ ସାମଲ, ବ୍ରଜବନ୍ଧୁ ପଲେଇ, ପର୍ଶୁରାମ ଦାସ, ପ୍ରୀତି ପଲ୍ଲବୀ ସ୍ୱାଇଁ, ରଞ୍ଜୁଲତା ରାଉତ, ରଶ୍ମିତା ବାରିକ, ନୀହାରିକା ପ୍ରିୟଦର୍ଶିନୀ, ଯୋଗଜନ୍ମା ବେହେରା, ଗୌରୀଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ।

# ୫ ଲକ୍ଷ କ୍ଷତିପୂରଣ ଦେବେ ରାଜ୍ୟ ସରକାର

କଟକ ଅଫିସ,୫।୧

### ଟ୍ରକ୍ ଧକ୍କାରେ କଲେଜ ଛାତ୍ରୀଙ୍କ ମୃତ୍ୟୁ ମାମଲା

- ସରକାର ଆଧୁନିକ ସଡ଼କ ବ୍ୟବସ୍ଥା କରନ୍ତୁ
- ଇ-ଯାନ, ସାଇକେଲ ଚାଳନାକୁ ଉତ୍ସାହିତ କରାଯାଉ

କଟକ କଲେଜ ଛକ ନିକଟରେ ୨୦୧୯ରେ ଟ୍ରକ ଧକ୍କାରେ ମୃତ ଯୁକ୍ତ ୩ ଛାତ୍ରୀଙ୍କ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ରାଜ୍ୟ ସରକାର ପ୍ରଦାନ କରିବେ। ଓଡ଼ିଶା ରାଜ୍ୟ ମାନବାଧିକାର ଆୟୋଗ(ଓଏଚ୍ଆର୍‌ସି)ରେ ଏନେଇ ଆଗତ ମାମଲାର ବିଚାର କରାଯାଇ ରାୟରେ ଗୁରୁବାର ଏହି ନିର୍ଦ୍ଦେଶ ଦିଆଯାଇଛି। ଟ୍ରକ ଧକ୍କାରେ ଛାତ୍ରୀ ଅନ୍ନପୂର୍ଣ୍ଣା ଚୌଧୁରୀଙ୍କ ମୃତ୍ୟୁକୁ ନେଇ ହାଇକୋର୍ଟ ଆଇନଜୀବୀ ଶିବଶଙ୍କର ମହାନ୍ତି ଓଏଚ୍ଆର୍‌ସିରେ ମାମଲା ଦାୟର କରିଥିଲେ। ଏଥିସହ ସଡ଼କ ଦୁର୍ଘଟଣା ହ୍ରାସ କରିବା ପାଇଁ ଆଧୁନିକ ସଡ଼କ ବ୍ୟବସ୍ଥା କରିବାକୁ ରାଜ୍ୟ ସରକାର ପଦକ୍ଷେପ ନେବା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଆୟୋଗଙ୍କ ପକ୍ଷରୁ ଦିଆଯାଇଛି।

ସରକାର ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟରେ ଟ୍ରାଫିକ ପୋଲିସର ଦକ୍ଷତା ବୃଦ୍ଧି ପାଇଁ ଗୁରୁତର ସହ ଚିନ୍ତା କରିବା ଉଚିତ୍। ଟ୍ରାଫିକ ପୋଲିସ ବର୍ଷରେ ୨ ଥର ତାଲିମ ନେବା ଉଚିତ୍। ଟ୍ରାଫିକ ନିୟମ ପାଳନରେ ଛୋଟ ବ୍ୟତିକ୍ରମକୁ ବି ଅଣଦେଖା ନ କରିବାକୁ ସେମାନଙ୍କୁ ଶିକ୍ଷା ଦିଆଯିବା ଦରକାର। ଭୁବନେଶ୍ୱର–କଟକ ଦ୍ୱୈତ ନଗରୀରେ ସଡ଼କ ବ୍ୟବସ୍ଥାକୁ ଯାଞ୍ଚ କରିବା ସହ ଆବଶ୍ୟକ ଡିଜାଇନ ବଦଳାଇବା ପାଇଁ ବିଶେଷଜ୍ଞଙ୍କ ସହାୟତା ନିଆଯାଉ। ଆଧୁନିକ ଡିଜାଇନ ଦ୍ୱାରା ଛକଗୁଡିକରେ ଟ୍ରାଫିକ ଲାଇଟ୍‌କୁ ହଟାଇ ବିନାବାଧାରେ ଗାଡ଼ି ଚଳାଚଳର ବ୍ୟବସ୍ଥା କରାଯିବା ସହ ନିୟମିତ ଭାବେ ସଡ଼କ ମରାମତି କରାଯାଉ। କଟକ, ଭୁବନେଶ୍ୱର ରାସ୍ତାର ଉଭୟ ପାର୍ଶ୍ୱରେ ବହୁସଂଖ୍ୟକ କ୍ୟାବିନ ଓ ଦୋକାନ ରହି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ସେଗୁଡ଼ିକୁ ତୁରନ୍ତ ହଟାଇ ବେଆଇନ ନିର୍ମାଣକୁ ଭାଙ୍ଗି ଦିଆଯିବା ନେଇ ସରକାର ପଦକ୍ଷେପ ନିଅନ୍ତୁ। ସହରରେ ରାସ୍ତାର ଉଭୟ ପାର୍ଶ୍ୱରେ ସାଇକେଲ ଚଲାଇବା ପାଇଁ ରାସ୍ତା ତିଆରି କରାଯାଉ। ଲୋକମାନଙ୍କୁ ୨ ଓ ୪ ଚକିଆ ଯାନ ବଦଳରେ ସାଇକେଲ ଚଳାଇବା, ପାରମ୍ପରିକ ଯାନ ବଦଳରେ ଇ–ଯାନ ବ୍ୟବହାରକୁ ଉତ୍ସାହିତ କରାଯାଉ। ମେଟ୍ରୋ ପଲିଟାନ ସିଟି ଭଳି ଇଣ୍ଟେଲିଜେଣ୍ଟ ଟ୍ରାଫିକ ବ୍ୟବସ୍ଥା ଗ୍ରହଣ କରାଯିବା ଉପରେ ସରକାର ପଦକ୍ଷେପ ନେବା ଦରକାର। ଏଥିସହ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଓଏଚ୍ଆର୍‌ସି ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

# ସାମାଜିକ, ଆର୍ଥିକ, ରାଜନୀତିରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ


ଲୋକାର୍ପଣ ଉତ୍ସବରେ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍, ବିଧାୟକ ଦେବୀପ୍ରସାଦ ମିଶ୍ର ଓ ଅନ୍ୟମାନେ।

ବଡ଼ମ୍ବା,୫।୧(ଡି.ଏନ୍.ଏ.)

### ମିଶନ ଶକ୍ତିଗୃହ ଲୋକାର୍ପିତ

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଅଭିମାନପୁର ପଞ୍ଚାୟତରେ ନୂତନ ଭାବେ ନିର୍ମିତ ମିଶନ ଶକ୍ତିଗୃହ ଗୁରୁବାର ଲୋକାର୍ପଣ ହୋଇଯାଇଛି। ଏହି ଅବସରରେ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ଯୋଗଦେଇ ଗୃହକୁ ଉଦ୍‌ଘାଟନ କରିଥିଲେ। ଏଥିସହ ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କ ଉନ୍ନତି ଉପରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ପୁରୋଧା ଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ସାମାଜିକ, ଆର୍ଥିକ ଓ ରାଜନୀତିରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲାପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ଅଭିମାନପୁର ସରପଞ୍ଚ ସବିତା ନାଏକ, ସମିତି ସଭ୍ୟା ସୋମାରାଣୀ ନାଏକ, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଆଠଗଡ଼ ଉପଜିଲାପାଳ ହେମନ୍ତ ସ୍ୱାଇଁ, ତହସିଲଦାର ନୀଳକଣ୍ଠ ବେହେରା, ବିଡିଓ ରମେଶ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୧୫ ଗୋଟି ମହିଳା ଗୋଷ୍ଠୀକୁ ମୁଖ୍ୟ ଅତିଥି ବିନା ସୁଧରେ ୫ ଲକ୍ଷ ଲେଖାଏ ସହାୟତା ରାଶିର ଚେକ୍ ବଣ୍ଟନ କରିଥିଲେ। ସେହିପରି ଉତ୍ସବରେ ଏମ୍‌ବିକେ, ସିଆର୍‌ପିଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ। ସାମାଜିକ କର୍ମୀ ସୁବାସ ଦେବନାଥ, ପ୍ରମୋଦ ପାତ୍ର, ପ୍ରକାଶ ପଣ୍ଡା, ରମେଶ କୁଣ୍ଡୁ, ବିଭୂତି ପଣ୍ଡା, ରାମଚନ୍ଦ୍ର ପ୍ରଧାନ, ବିଶ୍ୱଜିତ ସାହୁଙ୍କ ସମେତ ଅନ୍ୟାନ୍ୟ ଯୁବ ଗୋଷ୍ଠୀ ସହଯୋଗ କରିଥିଲେ।

# 'ବିବେକାନନ୍ଦ, କଲାମଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'


ଅତିଥିଙ୍କ ଗହଣରେ କୁନି କଳାକାର ଓ ଅନ୍ୟମାନେ।

ମାହାଙ୍ଗା, ୫।୧ (ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଭେଡା ପଞ୍ଚାୟତ ଲାପଚୁଆଁଠାରେ ସୂରୀୟ ନନ୍ଦିନୀ ସାମାଜିକ ଅନୁଷ୍ଠାନ ପକ୍ଷରୁ ସ୍ୱନକ୍ଷତ୍ର ଦିବସ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ବାଦର ଖବରକାଗଜର ସମ୍ପାଦକ ତଥା ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ସ୍ୱାମୀ ବିବେକାନନ୍ଦ ଓ ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ସରସ୍ୱତୀ ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥିଭାବେ ଇସ୍ରୋ ବୈଜ୍ଞାନିକ ଡ.ରଞ୍ଜିତ ଷଡ଼ଙ୍ଗୀ ଯୋଗଦେଇ ବିବେକାନନ୍ଦ, କଲାମଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଉଲ୍ଲେଖନୀୟ ସାମାଜିକ ସେବା ପାଇଁ ବହୁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କୁନି କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ସେମାନଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା।

## ତୃତୀୟା ଦେବ, ସୁବର୍ଣ୍ଣକେଶରୀ ମନ୍ଦିର ଉନ୍ନତୀକରଣ ପାଇଁ ଆଲୋଚନା

ବାଙ୍କୀ,୫।୧(ସ୍ୱ.ପ୍ର.)

ବାଙ୍କୀ ବ୍ଲକ ସୁବର୍ଣ୍ଣପୁର ଗ୍ରାମରେ ଥିବା ଶ୍ରୀଶ୍ରୀ ତୃତୀୟା ଦେବ ମନ୍ଦିର ଓ ସୁବର୍ଣ୍ଣକେଶରୀ ମନ୍ଦିରକୁ କଟକ ଦେବୋତ୍ତର ବିଭାଗ ସହକାରୀ ଆୟୁକ୍ତ ସଞ୍ଜୀୟ ଶୁଭବ୍ରତ ଆଚାର୍ଯ୍ୟ ଓ ନିରୀକ୍ଷକ ପ୍ରଦୀପ୍ତ ସାହୁ ଗୁରୁବାର ପରିଦର୍ଶନ କରି ଏହାର ଉନ୍ନତିକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସେମାନେ ମନ୍ଦିର ରକ୍ଷଣାବେକ୍ଷଣ ଏବଂ ଆୟବ୍ୟୟ ସମ୍ପର୍କରେ ତର୍ଜମା କରିବା ସହ ମନ୍ଦିରର ଉନ୍ନତି, ସମ୍ପତ୍ତି ସୁରକ୍ଷା ସମ୍ପର୍କରେ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ଗ୍ରାମ କମିଟି ସଭାପତି ରମେଶ ଚନ୍ଦ୍ର ସେଠୀ, ସମ୍ପାଦକ ଗନ୍ଧର୍ବ ଦଳେଇ, ପୂଜକ, ସେବାୟତ ଓ ସଭ୍ୟମାନେ ଉପସ୍ଥିତ ଥିଲେ।

# ଯକ୍ଷ୍ମାରୋଗ ନିରାକରଣ ସଚେତନତା

ବାଙ୍କୀ,୫।୧ (ସ୍ୱ.ପ୍ର.)

ଡମପଡ଼ା ବ୍ଲକ ଗୋବିନ୍ଦପୁର (କୁଶୁନ୍ଦା) ପଞ୍ଚାୟତର କଲରାଷ୍ଟା ପ୍ରାଥମିକ ବିଦ୍ୟାଳୟରେ ଯକ୍ଷ୍ମାରୋଗ ନିରାକରଣ ପାଇଁ ଏକ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଯକ୍ଷ୍ମାରୋଗର ନିୟନ୍ତ୍ରଣ କିପରି ହେବ, ରୋଗୀ କିପରି ସମ୍ପୂର୍ଣ୍ଣ ସୁସ୍ଥ ହେବେ, ଏ ରୋଗରେ ଜଣେ ପୀଡିତ ହେଲେ ଔଷଧରେ କିପରି ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରିବ ସେ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ପଦ୍ମିନୀ ପୂର୍ତ୍ତି ପ୍ରକାଶ କରିଥିଲେ। ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପୁରୁଷ ସ୍ୱାସ୍ଥ୍ୟ ପରିଦର୍ଶକ ଦୁଃଶାସନ ବେହେରା, ପ୍ରୀତମ ଦାସ, ଏଏନ୍ଏମ୍ ସୁଜାତା ବାରିକ ଏ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱେଚ୍ଛାସେବୀ ଜ୍ୟୋତିପ୍ରକାଶ ଦାସ ଓ ପ୍ରଦୋଷ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଯୁବ ସାମାଜିକ କର୍ମୀ ପ୍ରକାଶ ପ୍ରଧାନ, ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଦାଶ, ମହେଶ୍ୱର ପ୍ରଧାନ, ଚଗଲି ପ୍ରଧାନ, ପ୍ରଧାନ ଶିକ୍ଷକ ପ୍ରସନ୍ନ ସ୍ୱାଇଁ , ବଳରାମ ଦାଶ, ଆଶା ଓ ଅଙ୍ଗନୱାଡି କର୍ମୀ ସହଯୋଗ କରିଥିଲେ। ଶିବିରରେ ଆଖପାଖ ଅଞ୍ଚଳର ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ। ଦୁଃଶାସନ ବେହେରା ଧନ୍ୟବାଦ ଦେଇଥିଲେ।

# ଆତ୍ମରକ୍ଷା କୌଶଳ ତାଲିମ ଶିବିର

ମାଣିଆବନ୍ଧ,୫।୧(ଡି.ଏନ.ଏ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ମହାବିଦ୍ୟାଳୟର ଅର୍ଚ୍ଚନା ଚକ୍ରଧର ସଭାଗୃହରେ ଯୁକ୍ତ୨ କଳା ପ୍ରଥମ ବର୍ଷର ଛାତ୍ରୀମାନଙ୍କ ପାଇଁ ଗୁରୁବାର ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟାପିକା ଡ. ସୁମଧୁର ଭାଷିନୀ ପାତ୍ର ଓ ଅଧ୍ୟାପକ ଖଗେଶ୍ୱର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥିଭାବେ କଲେଜ ଅଧକ୍ଷ ବିଜୟ କୁମାର ପରିଡ଼ା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସନ୍ତରାବାଳି ପଞ୍ଚାୟତର ସରପଞ୍ଚ ମିତା ଜେନା, ମାଣିଆବନ୍ଧ ସରପଞ୍ଚ ରଶ୍ମିତା ସ୍ୱାଇଁ ଉପସ୍ଥିତ ଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପଢୁଥିବା ସମସ୍ତ ଛାତ୍ରୀ ମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ଅପରିହାର୍ଯ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସଂଘମିତ୍ରା ପଣ୍ଡା ଯୋଗ ଦେଇ ଏହାର ତାତ୍ପର୍ଯ୍ୟ ଓ ମୁଖ୍ୟ ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ପ୍ରଶିକ୍ଷିକା ଇତିଶ୍ରୀ ସାହୁ, ପ୍ରିୟଙ୍କା ନାୟକ ତାଲିମ ପ୍ରଦାନ କରିଥିଲେ। ଶେଷରେ ସଂସ୍କୃତ ଅଧ୍ୟାପକ ସାରଦା ନନ୍ଦ ଦାଶ ଧନ୍ୟବାଦ ଦେଇଥିଲେ।

# ମାଡ଼ିଚାଲିଛି ଲମ୍ପି ଭୂତାଣୁ, ଗୋଚାଷୀ ଭୟଭୀତ

ନିଶ୍ଚିନ୍ତକୋଇଲି, ୫।୧(ସ୍ୱ.ପ୍ର)



ଲମ୍ପି ଭାଇରସ୍‌ରେ ଆକ୍ରାନ୍ତ ଗୋରୁ।

- କ୍ଷୀର କମୁଛି, ଦୁର୍ବଳ ହେଉଛନ୍ତି ଗୋରୁ
- କର୍ମଚାରୀ ଅଭାବରୁ ଗୋରୁ ଭ୍ୟାକ୍ସିନ ଦେବାରେ ବିଳମ୍ବ

କରୋନା ଭଳି ଗୋରୁ ଏବେ ଭାଇରସ ଆକ୍ରାନ୍ତ। ଗୋରୁ ଗାଈଙ୍କ ଦେହରେ ଛୋଟ ଆବୁ ହେବା ପରେ ଏହା ଫାଟି ପାଣି ବାହାରୁଛି। ଫଳରେ ଆକ୍ରାନ୍ତ ଗୋରୁ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଗ୍ରାମାଞ୍ଚଳ ଲୋକେ ଏହାକୁ ଗୋରୁ ବସନ୍ତ କହୁଥିବାବେଳେ ପ୍ରାଣୀ ଚିକିତ୍ସକମାନେ ଏହାକୁ ଲମ୍ପି ଭାଇରସ ବୋଲି ବିବେଚନା କରିଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ଏହି ଭାଇରସ ଦ୍ରୁତ ଗତିରେ ସଂକ୍ରମିତ ହେବାରେ ଲାଗିଛି। ଫଳରେ ଗୋପାଳକମାନେ ଭୟଭୀତ ହୋଇଯାଇଛନ୍ତି। କିଏ ଘରୋଇ ଚିକିତ୍ସା କରୁଛି ତ, କିଏ ହୋମିଓପାଥି ଆଉ କିଏ ପ୍ରାଣୀ ଚିକିତ୍ସକଙ୍କ ସହାୟତା ନେଇ ଭାକ୍ସିନ ଦେଉଛନ୍ତି। ଏସବୁ ସତ୍ତ୍ୱେ ସଂକ୍ରମଣ ଅଣାୟତ୍ତ ହେବାରେ ଲାଗିଛି ।

ନିଶ୍ଚିନ୍ତକୋଇଲି ବ୍ଲକ ପ୍ରାଣୀ ଚିକିତ୍ସକଙ୍କ ଅଧୀନରେ ୩୮ଟି ପଞ୍ଚାୟତ ରହିଛି। ଏହି ବ୍ଲକରେ ମୋଟ ୫୫ ହଜାରରୁ ଊର୍ଦ୍ଧ୍ୱ ଗୋରୁ ଓ ମଇଁଷି ଆଦି ରହିଛନ୍ତି। ମାତ୍ର ସରକାରଙ୍କ ପକ୍ଷରୁ ମାତ୍ର ୨୨ ହଜାର ଭ୍ୟାକସିନ ଆସିଛି। ସେଥିରୁ କେବଳ ୧୭ ହଜାର ଭ୍ୟାକସିନ ଦିଆଯାଇଛି। ଆବଶ୍ୟକ କର୍ମଚାରୀ ଏବଂ ଏଲ୍ଆଇ ନ ଥିବାରୁ ଠିକ୍ ଢଙ୍ଗରେ ସମସ୍ତ ଗୋରୁଙ୍କୁ ଭ୍ୟାକ୍ସିନ୍ ଦିଆଯାଇପାରିନାହିଁ। ଫଳରେ ଏହି ରୋଗ ତାର କାୟା ବିସ୍ତାର କରିଚାଲିଛି। ବ୍ଲକର ବରାଦୋ, ଜିଗ୍ନିପୁର, ନିଶ୍ଚିନ୍ତକୋଇଲି ଏବଂ ନତକାଇ ଆଦି ପଞ୍ଚାୟତରେ ଏହି ରୋଗ ଭୟଙ୍କର ରୂପ ଧାରଣ କରିଛି। ଗୋରୁଙ୍କୁ ଠିକ୍‌ଭାବେ ସ୍ୱାସ୍ଥ୍ୟସେବା ମିଳୁ ନ ଥିବାରୁ ଆଗାମୀ ଦିନରେ ଗୋମଡକ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ପ୍ରାଣୀ ଚିକିତ୍ସାଳୟଠାରୁ ମାତ୍ର ଅଳ୍ପ ଦୂରରେ ଥିବା ନିଶ୍ଚିନ୍ତକୋଇଲି ଗ୍ରାମର କବିନ୍ଦ୍ର ବାରିକ, ବିଚିତ୍ରାନନ୍ଦ ରାଉତ, ପ୍ରମୋଦ କୁମାର ରାଉତ, ବିଜୟ କୁମାର ରାଉତ, ଅଲେଖ ମଲିକ, ନତକାଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଏକରୁଖି ଗ୍ରାମର ସୁରେନ୍ଦ୍ର କୁମାର ସାହୁଙ୍କ ସମେତ ବହୁ ଲୋକଙ୍କ ଗୋରୁ ଏଭଳି ଅଜଣା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଗ୍ରହ କରୁଥିବା ଅଭିଯୋଗ ହୋଇଛି। ଏହି ସଂକ୍ରମଣ ଦ୍ରୁତ ଗତିରେ ମାଡ଼ି ଚାଲିଥିବାରୁ ଗ୍ରାମାଞ୍ଚଳରେ କ୍ୱାକ୍‌ମାନେ ମଧ୍ୟ ଗୋ–ଚାଷୀଙ୍କୁ ଶୋଷଣ କରିବାକୁ ପଛାଉ ନାହାନ୍ତି। ବହୁ ଗୋ ଚାଷୀ ଋଣ କରି ଗୋପାଳନ କରୁଥିବାବେଳେ ଗୋରୁ ବିପଦ ସ୍ଥିତିରେ ପଡ଼ିବାରୁ ସେମାନେ ପ୍ରମାଦ ଗଣିଲେଣି। କେତେଜଣ ଗୋପାଳକ ଗୋରୁଙ୍କ ଆକ୍ରାନ୍ତ ସ୍ଥାନରେ ଅମୃତ ଭଣ୍ଡା ପତ୍ର, ବେଲପତ୍ର, ତୁଳସୀପତ୍ର , ଗୋଲମରିଚ, ଅଦା ,ଗୁଡ ଓ ପାନକୁ ବାଟି ଏକପେଷ୍ଟ ପ୍ରସ୍ତୁତ କରି ୫୦ ରୁ ୧୦୦ଗ୍ରାମ ଲେଖାଏ ଗୋରୁଙ୍କୁ ୨ ବେଳା ଦେବା ସହ ନିମ୍ବ ପତ୍ର ହଳଦୀକୁ ବାଟି ଏକ ପେଷ୍ଟ କୁ ସଂକ୍ରମଣ ସ୍ଥାନରେ ଲେପ ଦେଉଛନ୍ତି।

ଏ ସମ୍ପର୍କରେ ହୋମିଓପ୍ୟାଥି ଚିକିତ୍ସକ ନିରଞ୍ଜନ କର କହିଛନ୍ତି, ବସନ୍ତ ଓ ହାଡଫୁଟି ଭଳି ଗୋରୁଙ୍କ ପାଇଁ ଏହା ଏକ ଭୂତାଣୁ ଜନିତ ରୋଗ।ଏହି ରୋଗର ପ୍ରତିଷେଧକ ଭାବେ ଭାରିଓଲିନିୟମ–୨୦୦ ଓ ଭ୍ୟାକ୍ସିନମ–୨୦୦ ବ୍ୟବହାର କରାଯାଏ। ଦେହରେ ବରକୋଳି ଭଳି ଫଁଳି ଗଲେ ଥୁଜା–୨୦୦ ଦିଆଯାଏ ବୋଲି ସେ ପ୍ରକାଶ କରିଛନ୍ତି।

ଗୋରୁଙ୍କ ରୋଗ ସମ୍ପର୍କରେ ବ୍ଲକ ଭେଟେନାରୀ ଅଫିସର ତନ୍ମୟ ମହାନ୍ତି କୁହନ୍ତି, କର୍ମଚାରୀ ଅଭାବରୁ ସବୁ ଗୋରୁଙ୍କୁ ଭ୍ୟାକ୍ସିନ ଦିଆଯାଇପାରିନାହିଁ। ଏହା ଏକ ଚର୍ମ ଜନିତ ରୋଗ ଏଥିରେ କାଜୁଆଲିଟ ହୋଇ ନ ଥାଏ। କିନ୍ତୁ ଗାଈ ଦୁର୍ବଳ ହେବା ସହ ଉତ୍ପାଦନ କମାଇ ଦେଇଥାଏ। ଏହାର ନିର୍ଦ୍ଦିଷ୍ଟ ଔଷଧ ନଥିବାରୁ ଗୋରୁଙ୍କ ଲକ୍ଷଣ ଦେଖି ଔଷଧ ଦିଆଯାଉଛି।

**ରୋଗର ଲକ୍ଷଣ:** ଗାଈ ବାଛୁରୀଙ୍କ ଚର୍ମରେ ଛୋଟ ଛୋଟ ଫୋଟକା ଭଳି ଆବୁ ହୋଇଯାଉଛି। ଦିନେ ଦୁଇଦିନ ମଧ୍ୟରେ ଫୋଟକା ଫାଟି ସେଥିରୁ ପାଣି ବହୁଛି। ପରେ ସମ୍ପୃକ୍ତ ଜାଗାଟି ପଚି ଦୁର୍ଗନ୍ଧ ହେଉଛି। ଗୋରୁଙ୍କ ଖୁରା ବେକ ଥଳି , ଗୋଡ ସନ୍ଧି ଏପରିକି ଆଖି ମଧ୍ୟ ସଂକ୍ରମିତ ହେଉଛି। ଗାଈକୁ ଜ୍ୱର ହେବା ସହ ଶରୀରରେ ଅଧିକ ଯନ୍ତ୍ରଣା ଅନୁଭବ କରୁଛନ୍ତି। ଗାଈ କ୍ଷୀର କମାଇବା ସହ ଦୁର୍ବଳ ହୋଇପଡୁଛନ୍ତି।

# ‘ସଂସ୍କାରରେ ହିଁ ଆଧ୍ୟାତ୍ମିକ ଚେତନାର ଜାଗରଣ’

**ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶ**

**ପୁରୀ ଅଫିସ, ୫।୧**

ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲଡ ୱାଇଡ୍ ଦ୍ୱାରା ସ୍ଥାନୀୟ ଟାଉନ ହଲରେ ଆୟୋଜିତ ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶର ଦ୍ୱିତୀୟ ଦିବସରେ ଗୁରୁବାର ତିନୋଟି ଅଧିବେଶନ ଅନୁଷ୍ଠିତ ହେଇଥିଲା। ପ୍ରଥମ ଅଧିବେଶନରେ କଟକସ୍ଥିତ ଚିନ୍ମୟ ମିଶନର ସ୍ୱାମୀ କ୍ରିଷ୍ଣପ୍ରେମାନନ୍ଦ ସରସ୍ୱତୀ ଯୋଗଦେଇ କହିଥିଲେ, ମାତାପିତାମାନେ ପିଲାଙ୍କୁ ପାରିବାରିକ ସଂସ୍କାର ଦେଲେ ହିଁ ଆଧ୍ୟାତ୍ମିକ ଚେତନାର ଜାଗରଣ ହୋଇପାରିବ। ଏହି ଅଧିବେଶନରେ ଡ. ସୁଶାନ୍ତ କୁମାର ସାହୁ, ଦୁର୍ଗାପ୍ରସାଦ ମିଶ୍ର ଏବଂ ଭାସ୍କର ମିଶ୍ର ଆଧ୍ୟାତ୍ମିକ ଚେତନା ସମ୍ପର୍କରେ ନିଜସ୍ୱ ମତ ରଖିଥିଲେ। ଦ୍ୱିତୀୟ ଅଧିବେଶନରେ ପୁରୀ ରାଧାବଲ୍ଲଭ ମଠର ମହନ୍ତ ବାବା ରାମକୃଷ୍ଣ ଦାସ ଆତ୍ମଚେତନା ଉପରେ ଆଲୋକପାତ କରିଥିଲେ।



ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶର ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବକ୍ତାମାନେ।

ଜୀବନରେ ଆନନ୍ଦରେ ରହିବାକୁ ହେଲେ ଆଧ୍ୟାତ୍ମିକ ଚେତନାର ବିକାଶ କରିବାକୁ ହେବ, ତାହା ସମ୍ଭବ ହୋଇପାରିବ ଯେତେବେଳେ ଆମେ ନିଜର ମନକୁ ଶାନ୍ତ ରଖିବା ସହିତ ଉତ୍ତମ ସ୍ୱାସ୍ଥ୍ୟ ଓ ସକାରାତ୍ମକ ଭାବନାର ଅଧିକାରୀ ହୋଇପାରିବା। ସେହିପରି ଆମେରିକାର ପ୍ରବାସୀ ଭାରତୀୟ ସ୍ୱାତୀ ତ୍ରିପାଠୀ ଏବଂ ଡ. ଦେବ ମହାପାତ୍ରଙ୍କ ସହିତ ମୁମ୍ବାଇରୁ ଆସିଥିବା ଡ. ରବି ନାରାୟଣ ମିଶ୍ର ନିଜସ୍ୱ ମତ ରଖିଥିଲେ। ସେହିପରି ତୃତୀୟ ଅଧିବେଶନରେ ବଲାଙ୍ଗୀର ବିଶ୍ୱାତ୍ମଚେତନା ପରିଷଦର ସ୍ୱାମୀ ସତ୍ୟ ପ୍ରଜ୍ଞାନନ୍ଦ ସରସ୍ୱତୀ ସଭାପତିତ୍ୱ କରିଥିଲେ। ତାଙ୍କ ମତରେ ଆଧ୍ୟାତ୍ମିକତା ହିଁ ସର୍ବଶ୍ରେଷ୍ଠ ବିଦ୍ୟା। ଆଧ୍ୟାତ୍ମିକତାର ବିକାଶ ନ ହେଲେ ଜୀବନ ସମ୍ପୂର୍ଣ୍ଣ ହେବ ନାହିଁ। ଏଥିରେ ଦକ୍ଷିଣ କୋରିଆର ଡ. ସୀତାଂଶୁ ନନ୍ଦ, ଛତିଶଗଡ଼ର ଡ. ପୁରନ୍ଦର ମିଶ୍ର ଏବଂ ପୁରୀର ପଣ୍ଡିତ ମାତୃପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ଆଧ୍ୟାତ୍ମିକ ଚେତନାର ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ତେବେ ସମସ୍ତ ଆଲୋଚନାର ନିଷ୍କର୍ଷ ଥିଲା ‘ମାନବିକତାର ପରିଚୟ ହିଁ ଧର୍ମାଚରଣ’। ଧର୍ମକୁ ଛାଡ଼ିଦେଲେ ମଣିଷ ପଶୁ ପାଲଟିଯାଏ। ବିଶ୍ୱବ୍ୟାପୀ ଅନୁଷ୍ଠାନ ରୂପେ ପରିଚିତ ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲଡ୍ ୱାଇଡ ସଙ୍ଗଠନର ଟ୍ରଷ୍ଟିମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ସନାତନ ସନ୍ଥ ସମାଜର ବୈଠକ

**ପୁରୀ ଅଫିସ, ୫।୧**

ହରଚଣ୍ଡୀ ସାହିସ୍ଥିତ ମହିପ୍ରକାଶ ମଠ ପରିସରରେ ଗୁରୁବାର ମହନ୍ତ ସ୍ୱାମୀ ଶୁଭାନନ୍ଦ ପୁରୀ ମହାରାଜଙ୍କ ଅଧ୍ୟକ୍ଷତାରେ ସନାତନ ସନ୍ଥ ସମାଜର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ସମ୍ପ୍ରଦାୟର ୫୦ରୁ ଊର୍ଦ୍ଧ୍ୱ ସାଧୁସନ୍ଥ ଯୋଗଦେଇ ଥିଲେ। ରାଜ୍ୟର କୋଣ ଅନୁକୋଣରେ କିଭଳି ସନାତନ ଧର୍ମର ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚିପାରିବ ଏବଂ ଏଥିରେ ସବୁ ବର୍ଗର ବ୍ୟକ୍ତିବିଶେଷଙ୍କୁ ସାମିଲ କରାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। ବାହାରୁ ଆସୁଥିବା ସାଧୁସନ୍ଥମାନେ କିପରି ଶ୍ରୀମନ୍ଦିରରେ ଭଲ ଭାବେ ଦର୍ଶନ କରିପାରିବେ ସେଥିଲାଗି ସ୍ୱତନ୍ତ୍ର ବ୍ୟବସ୍ଥା, ସମସ୍ତଙ୍କର ସ୍ୱାସ୍ଥ୍ୟ ବୀମା, ମଠ ମନ୍ଦିରର ସୁରକ୍ଷା, ଅବାଧ ହସ୍ତକ୍ଷେପ ଓ ଜମି ବିକ୍ରି ପାଇଁ ଦେବୋତ୍ତର ବିଭାଗ, ମୁଖ୍ୟମନ୍ତ୍ରୀ, ଜିଲାପାଳଙ୍କୁ ଦାବିପତ୍ର ଦେବା ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଓଡ଼ିଶାରେ ଦଶନାମୀ ସମ୍ପ୍ରଦାୟ ସାଧୁସନ୍ଥଙ୍କ ସୁରକ୍ଷା ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ସନାତନ ସନ୍ଥ ସମାଜ ପକ୍ଷରୁ ଭୁବନେଶ୍ୱର କଳ୍ପତରୁ ଆଶ୍ରମର ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ ଭୁବନେଶ୍ୱର ବେଦାନ୍ତ ଗୁରୁକୁଳର ସ୍ୱାମୀ ଭାଗବତା ନନ୍ଦ ଜୀ ସରସ୍ୱତୀ, ଗୀତା ମନ୍ଦିରର ସ୍ୱାମୀ ଜିଜ୍ଞାସା ନନ୍ଦ ସରସ୍ୱତୀ, କଣ୍ଟାବାଡ଼ ଗୀତା ଆଶ୍ରମର ସ୍ୱାମୀ ଜଗଦୀଶା ନନ୍ଦ ସରସ୍ୱତୀ, ପାରଳାଖେମୁଣ୍ଡି ଚିନ୍ମୟ ମିଶନର ସ୍ୱାମୀ ନିଗମାନନ୍ଦ ସରସ୍ୱତୀ, ହରିଭକ୍ତା ନନ୍ଦ ସରସ୍ୱତୀ, ସ୍ୱାମୀ ଜୟଦେବ ଭାରତୀ, ମହନ୍ତ ତ୍ରିଲୋକେଶ୍ୱର ଭାରତୀ ପ୍ରମୁଖ ଉପସ୍ଥିତ ଥିଲେ।




**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୫।୧।୨୦୨୩

| ୪,୧୯,୨୫୮ ଟଙ୍କା | |
|---|---|
| ସୁନା | ୨୨୦ ମିଲିଗ୍ରାମ |
| ରୁପା | ୫୦.୫୦୦ ଗ୍ରାମ |

## ସଂକ୍ଷେପରେ

### ବିଧାୟକଙ୍କ ଦ୍ୱାରା ଧାନମଣ୍ଡି ଉଦ୍‌ଘାଟିତ

**ପିପିଲି,୫।୧(ଡି.ଏନ୍.ଏ.):** ପିପିଲି ବ୍ଲକ ଅନ୍ତର୍ଗତ କଣ୍ଟି ସେବା ସମବାୟ ସମିତିରେ ଗୁରୁବାର ଧାନମଣ୍ଡି ଉଦ୍‌ଘାଟନ ହୋଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥିଭାବେ ପୁରୀ ଜିଲା କେନ୍ଦ୍ର ସେବା ସମବାୟ ସମିତି ସଭାପତି କିଶୋର ଛୋଟରାୟ, ପିପିଲି ବ୍ଲକ ଅଧକ୍ଷା ଦେବସ୍ମିନୀ ନନ୍ଦ, ଉପାଧକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଆଇନଜୀବୀ ଶ୍ରୀଧର ପ୍ରଧାନ, ଏମ୍‌ପି ପ୍ରତିନିଧି ନାରାୟଣ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ଓ ସୁଶାନ୍ତ ମଲ୍ଲିକ, ମାନସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କଣ୍ଟି ସେବା ସମବାୟ ସମିତିରୁ ପଞ୍ଜିକୃତ ଚାଷୀ ୨୪୬ରୁ ପ୍ରଥମ ଦିନରେ ୮ଜଣ ଚାଷୀ ୩ଶହ ୫୦କୁଇଣ୍ଟାଲ ୮୯କିଗ୍ରା ଧାନ ମଣ୍ଡିରେ ଦେଇଥିବା ନେଇ ସମ୍ପାଦକ ସୁକାନ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ପ୍ରିୟବ୍ରତ ସାମନ୍ତରାୟ, ଆର୍ତ୍ତବନ୍ଧୁ ସାମନ୍ତରାୟ, ବିଷ୍ଣୁପ୍ରସାଦ ଦଳେଇ, ସମିତିସଭ୍ୟା ସବିତା ନିସଙ୍କ, ଦୁର୍ଯ୍ୟୋଧନ ପରିଡା, କୃଷକନେତା ମକର ପ୍ରଧାନ, ଧୀରେଶ ଖଟେଇ, ଅମରଜ୍ୟୋତି ପଟ୍ଟନାୟକ, ବ୍ଲକ ଯୋଗାଣ ବିଭାଗ ଅଧିକାରୀ ଦୀପ୍ତିରଞ୍ଜନ ଇନ୍ଦ୍ରାସିଂହ, କଣ୍ଟି ସେବା ସମବାୟ ସମିତିର ସଭାପତି ଉପେନ୍ଦ୍ର ସାମନ୍ତରାୟ ପ୍ରମୁଖ ସାମିଲ ଥିଲେ।

### ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା

**ପୁରୀ ଅଫିସ, ୫।୧:** ରାମକୃଷ୍ଣ ମିଶନ ଆଶ୍ରମ ପକ୍ଷରୁ ୩୯ତମ ଜାତୀୟ ଯୁବ ଦିବସ ଉପଲକ୍ଷେ ପୁରୀ ସହରସ୍ଥ ବିଭିନ୍ନ ବିଦ୍ୟାଳୟର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ଏବଂ ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଶ୍ୱମ୍ବର ବିଦ୍ୟାପୀଠ, ଡିଏଭି ପବ୍ଲିକ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ସାରସ୍ୱତ ବିଦ୍ୟାନିକେତନ, ଘୋଡ଼ା ବଜାର ସରସ୍ୱତୀ ଶିଶୁମନ୍ଦିର ଏବଂ ବ୍ଲେସେଡ୍ ସାକ୍ରମେଣ୍ଟ ହାଇସ୍କୁଲରୁ ଚିତ୍ରାଙ୍କନରେ ୧୨ ଓ ଆବୃତ୍ତିରେ ୧୮ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିଯୋଗିତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ପ୍ରବନ୍ଧ ଓ ବକ୍ତୃତା ପ୍ରଭୃତି ପ୍ରତିଯୋଗିତା ହେବ। ଉକ୍ତ ପ୍ରତିଯୋଗିତାରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିବେ। ୧୨ ତାରିଖରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ୧୪ରେ ସ୍ୱାମୀଜୀଙ୍କ ୧୬୧ତମ ଜନ୍ମଦିବସ ପାଳନ ଏବଂ ୨୨ ତାରିଖରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯିବ। ସେହିପରି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ବିରତଣ କରାଯିବ ବୋଲି ଆଶ୍ରମ ପକ୍ଷରୁ ସୂଚନା ଦିଆଯାଇଛି।

### ୮ରେ ଚଳଚ୍ଚିତ୍ର ଜଗତର ବାର୍ଷିକ ଉତ୍ସବ

**କଟକ ଅଫିସ, ୫।୧:** ‘ଚଳଚ୍ଚିତ୍ର ଜଗତ’ର ୪୭ତମ ବାର୍ଷିକ ଉତ୍ସବ ପୁରୀସ୍ଥିତ ଟାଉନ ହଲ୍‌ରେ ଆସନ୍ତା ୮ ତାରିଖରେ ଅନୁଷ୍ଠିତ ହେବ। ଉକ୍ତ ଉତ୍ସବରେ ୨୦୨୨ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କଳାକାରଙ୍କୁ ଚଳଚ୍ଚିତ୍ର ଜଗତ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। କ୍ୟାମେରାମ୍ୟାନ ଶ୍ରୀନିବାସ ମହାପାତ୍ରଙ୍କୁ ନିତାଇ ପାଲିତ ସମ୍ମାନ, ଅଭିନେତା, ନିର୍ଦ୍ଦେଶକ ନବକିଶୋର ଆଚାର୍ଯ୍ୟଙ୍କୁ ଭୀମ ସିଂ ସମ୍ମାନ ଓ ଆଲୋକ କୁମାର ମହାପାତ୍ରଙ୍କୁ ସତ୍ୟ ନାରାୟଣ ଅଗ୍ରୱାଲ ସମ୍ମାନ ପ୍ରଦାନ କରାଯିବ। ଆଶୁତୋଷ ମହାପାତ୍ର ସ୍ମାରକୀ ପ୍ରେକ୍ଷାଳୟ ସମ୍ମାନ ବରହମପୁର ‘ଶକ୍ତି ସିନେମା’କୁ ପ୍ରଦାନ କରାଯିବା ସହ ୨୦୨୨ ମସିହାରେ ଶ୍ରେଷ୍ଠ ବିବେଚିତ କୃତୀ ପ୍ରତିଭାଙ୍କୁ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ଆଦିକନ୍ଦ ରାଉତ ସୂଚନା ଦେଇଛନ୍ତି।


ପିପିଲି ବ୍ଲକ ଅନ୍ତର୍ଗତ କଣ୍ଟି ସେବା ସମବାୟ ସମିତିରେ ଧାନମଣ୍ଡିକୁ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ଉଦ୍‌ଘାଟନ କରୁଛନ୍ତି।

# ୨ ପରିବାର ମଧ୍ୟରେ ଗଣ୍ଡଗୋଳ, ଜଣେ ଗିରଫ

**ଡେଲାଙ୍ଗ,୫।୧(ଡି.ଏନ୍.ଏ.)**

ଡେଲାଙ୍ଗ ବ୍ଲକ ଅଧୀନ ଅରିସଲ ଗ୍ରାମରେ ବାକି ଟଙ୍କାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ମାରପିଟ ହୋଇଥିଲେ। ଏ ନେଇ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିବା ବେଳେ ପୋଲିସ ୨ଟି ପୃଥକ ମାମଲା ରୁଜୁ କରିଛି। ପୋଲିସ ତଦନ୍ତ କରି ଗୋଟିଏ ପରିବାରର ଜଣଙ୍କୁ ଗୁରୁବାର ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ରଣଜିତ ପଟ୍ଟନାୟକ(୨୫) ଓରଫ ଭୀମ। ଅଭିଯୋଗ ଅନୁଯାୟୀ ଅରିସଲ ଗ୍ରାମର ଈଶ୍ୱର ସାହୁଙ୍କ ଦୋକାନରୁ ସେହି ଗ୍ରାମର ସମରେନ୍ଦ୍ର ପଟ୍ଟନାୟକ ଗତ କିଛିଦିନ ତଳେ ୫୫ ଟଙ୍କାର ପେଟ୍ରୋଲ ପକାଇଥିଲେ। ଈଶ୍ୱର ଓ ତାଙ୍କ ସ୍ତ୍ରୀ ବାରମ୍ବାର ବାକି ଟଙ୍କା ମାଗିଥିଲେ ମଧ୍ୟ ସେ ଦେଇ ନ ଥିଲେ। ଗତ ରବିବାର ଈଶ୍ୱରଙ୍କ ସ୍ତ୍ରୀ ପୁନର୍ବାର ସମରେନ୍ଦ୍ରଙ୍କୁ ବାକି ଟଙ୍କା ମାଗିବାରୁ ସେମାନେ ଆକ୍ରମଣ କରିଥିଲେ। ଏପରିକି ଈଶ୍ୱର ସାଇକେଲରେ ଘରକୁ ଫେରୁଥିବା ବେଳେ ଗ୍ରାମଛକରେ ସମରେନ୍ଦ୍ର ଓ ତାଙ୍କ ପୁଅ ଅଟକାଇ ଆକ୍ରମଣ କରିଥିଲେ। ଏନେଇ ଈଶ୍ୱରଙ୍କ ସ୍ତ୍ରୀ କୁଞ୍ଜଲତାଙ୍କ ଅଭିଯୋଗକ୍ରମେ ୦୧/୨୩ରେ ମାମଲା ରୁଜୁ ହୋଇଥିଲା। ସେହିପରି ବିଲରୁ ଘରକୁ ଫେରୁଥିବା ବେଳେ ଈଶ୍ୱର ଓ ତାଙ୍କ ସମ୍ପର୍କୀୟ ସମରେନ୍ଦ୍ରଙ୍କୁ ବାକି ଥିବା ଟଙ୍କାକୁ ନେଇ ମାରପିଟ କରିଥିଲେ ବୋଲି ଥାନାରେ ପାଲଟା ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୦୨/୨୩ରେ ଅନ୍ୟ ଏକ ମାମଲା ରୁଜୁ କରିଛି। ଏହି ଘଟଣାରେ ପୋଲିସ ତଦନ୍ତ କରି ଜଣଙ୍କୁ ଗିରଫ କରିଥିବାବେଳେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ଅନିଲ କୁମାର ମହାନ୍ତି କହିଛନ୍ତି।

# ପର୍ଯ୍ୟଟକଙ୍କୁ ଉତ୍ତମ ସେବା ଯୋଗାଇବାକୁ ଗୁରୁତ୍ୱ

**ହଲିଡେ ହୋମ୍ ଓନର୍ସ ଆସୋସିଏଶନ କର୍ମକର୍ତ୍ତା ନିର୍ବାଚନ**

**ପୁରୀ ଅଫିସ, ୫।୧**

ହଲିଡେ ହୋମ ଓନର୍ସ ଆସୋସିଏଶନ ପୁରୀ ପକ୍ଷରୁ ବାର୍ଷିକ ସାଧାରଣ ସଭା ସ୍ଥାନୀୟ ଗୌଡ଼ବାଡ଼ ସାହି ନୃସିଂହ ବଲ୍ଲଭ ଜାଗା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରବୀନ୍ଦ୍ର ଦାସମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବାରୁ ବହୁ ପର୍ଯ୍ୟଟକ ପୁରୀକୁ ଆସୁଛନ୍ତି। ସେମାନେ କିପରି ଉତ୍ତମ ସେବା ପାଇପାରିବେ ସେନେଇ ଆଲୋଚନା ହୋଇଥିଲା। ପରିମଳ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ସ୍ୱଚ୍ଛତା ଅଭିଯାନରେ ଜିଲା ପ୍ରଶାସନକୁ ସହଯୋଗ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅସାମାଜିକ କାର୍ଯ୍ୟକଳାପ ଓ ଯାତ୍ରୀଙ୍କ ଯାତାୟାତ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ କରୋନା ପାଇଁ ସଚେତନ ହେବା ଏବଂ ସରକାରୀ କଟକଣା ଅନୁପାଳନ ନିମନ୍ତେ ହଲିଡେ ହୋମ୍ ମାଲିକମାନେ ସହମତ ହୋଇଥିଲେ। ନୂତନ ଭାବେ ଗଢ଼ିଉଠିଥିବା ହଲିଡେ ହୋମ୍‌ର ମାଲିକମାନଙ୍କୁ ସଂଘଭୁକ୍ତ ହେବା ପାଇଁ ନିମନ୍ତ୍ରଣ କରାଯାଇଥିଲା। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ରବୀନ୍ଦ୍ର ଦାସମହାପାତ୍ର ସଭାପତି, ରମେଶ ଚନ୍ଦ୍ର ପଣ୍ଡା ଉପସଭାପତି, ସ୍ମୃତିରଞ୍ଜନ ପତି ସମ୍ପାଦକ, ଫକିର ଚରଣ ପ୍ରତିହାରୀ ଯୁଗ୍ମ ସମ୍ପାଦକ, ଜିତେନ୍ଦ୍ର କୁମାର ମହାପାତ୍ର ସହସମ୍ପାଦକ ଏବଂ ରବିନାରାୟଣ ପଣ୍ଡା କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବେ ଲୋକନାଥ ପ୍ରସାଦ ଦାସ, କୈଳାସ ଚନ୍ଦ୍ର ଦାସ, ପୂର୍ଣ୍ଣଚନ୍ଦ୍ର ପ୍ରତିହାରୀ, କେଦାରନାଥ ଚୌଧୁରୀ, ଦାମୋଦର ମହାପାତ୍ର, ସୋମନାଥ ଗୁରୁ ମନୋନୀତ ହୋଇଛନ୍ତି। ଉମାକାନ୍ତ ଦାଶ, ଦାଶରଥୀ ଖୁଣ୍ଟିଆ, ବିଜୟ କୁମାର ପଣ୍ଡା ଏବଂ ଉପଦେଷ୍ଟା ମଣ୍ଡଳୀ କାର୍ଯ୍ୟଭାର ନିର୍ବାହ ଲାଗି ସମ୍ମତି ଦେଇଥିଲେ। ପବିତ୍ର ମୋହନ ସାହୁ, ଶେଷଦେବ ଦାଶ, ହରେକୃଷ୍ଣ ସିଂହାରୀ, ଯମେଶ୍ୱର ଖୁଣ୍ଟିଆ, ଉମାଶଙ୍କର ପ୍ରତିହାରୀ, ଦାମୋଦର ପ୍ରଧାନ, ଦାଶରଥି ଖୁଣ୍ଟିଆ, ବାବୁଲି ସ୍ୱାଇଁ, ଅଭିଜିତ ରାୟ, ଲକ୍ଷ୍ମୀଧର ବିଶ୍ୱାଳ, ରାଜଶ୍ରୀ ମହାପାତ୍ର ପ୍ରମୁଖ ନୂତନ ସଭ୍ୟ ପଦ ଗ୍ରହଣ କରିଥିଲେ।

# ଆଜି ମହାପ୍ରଭୁଙ୍କ ପୁଷ୍ୟାଭିଷେକ ନୀତି

**ଅଙ୍କୁରାରୋପଣ, ଜଳାଧିବାସ ନୀତି ସମ୍ପନ୍ନ**

**ପୁରୀ ଅଫିସ, ୫।୧**

ପୌଷପୂର୍ଣ୍ଣିମା ଅବସରରେ ଶୁକ୍ରବାର ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ଉତ୍ସବ ପାଳନ ହେବ। ଶ୍ରୀବିଗ୍ରହମାନେ ରାଜରାଜେଶ୍ୱର ବା ସୁନାବେଶରେ ସଜ୍ଜିତ ହେବେ। ଏଥିଲାଗି ଗୁରୁବାର ଶ୍ରୀମନ୍ଦିରରେ ବିଶେଷ ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଚନ୍ଦନଲାଗି ନୀତି ପରେ ଅଧିବାସ କର୍ମ କରାଯାଇଥିଲା। ଏଥିପାଇଁ ଭୋଗମଣ୍ଡପ ଘର ଧୋଖାଳ ହୋଇ ଚାନ୍ଦୁଆ ବନ୍ଧାଯାଇଥିଲା। ଏକହାଣ୍ଡି ଘିଅ ଓ ରୋଷକୂପରୁ ନୂଆହାଣ୍ଡିରେ ଅଣାଯାଇଥିବା ପାଣି ପରଖଗୁଡ଼ିକରେ ରଖାଯାଇଥିଲା। ଘିଅକୁ ଏକୋଇଶ ଗରା ଓ ପାଣିକୁ ସତାଅଶୀ ଗରାରେ ବିଭକ୍ତ କରାଯାଇ ଚାରିପନ୍ତି ହୋଇ ଚାନ୍ଦୁଆ ତଳେ ରଖାଯାଇଥିଲା। ଏହି ଗରାଗୁଡ଼ିକୁ ଦେଉଳ ପୁରୋହିତ ପତନି ଘୋଡ଼ାଇ ଫୁଲ, ଚନ୍ଦନ ଦେଇ ଅଧିବାସ କରିଥିଲେ। ପରେ ଭୋଗମଣ୍ଡପ ଦ୍ୱାର ବନ୍ଦ ହୋଇ ତଡ଼ଉକରଣ ମୁଦ ଦେଇଥିଲେ। ବଡ଼ସିଂହାର ଭୋଗ ପୂଜା ସରିବା ପରେ ପାଣି ପଡ଼ି ଧୋପଖାଳ ହୋଇ ଭଦ୍ରାସନ ଉପରେ ପାହାଡ଼ା ପଡ଼ି ଅଧିବାସ ଦର୍ପଣ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ମନ୍ତ୍ରପୂତ ପୁଷ୍ପ ଓ ଚନ୍ଦନାଦି ଦ୍ୱାରା ଅଧିବାସ କରାଯାଇଥିଲା। ଶ୍ରୀମନ୍ଦିର ଭିତର ବେଢାରେ ଥିବା ପ୍ରତିହାରୀ ନିଯୋଗ କାର୍ଯ୍ୟାଳୟ ଗୃହ ସମ୍ମୁଖରେ କୋଠ ସୁଆଁସିଆଙ୍କ ଦ୍ୱାରା ଯଜ୍ଞଶାଳା ନିର୍ମିତ କରାଯାଇଥିଲା। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ପୂର୍ଣ୍ଣିମା ଦିନ ଶ୍ରୀବିଗ୍ରହମାନଙ୍କ ସକାଳଧୂପ ପୂଜା ବସିଥିବା ବେଳେ ଏଠାରେ ହୋମ କରାଯିବ। ଭିତରେ ସକାଳଧୂପ ଶେଷ ହେବା ଉତ୍ତାରେ ପାଣି ପଡ଼ିବ। ପରେ କେବଳ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ମଇଲମ ହୋଇ ତଡ଼ପ ଉତ୍ତରି ଲାଗି କରାଯିବ। ମହାସ୍ନାନ ହୋଇ ଅଧିବାସ ହୋଇଥିବା ଭୋଗମଣ୍ଡ ଘରର ମୁଦ ଖୋଲାଯାଇ ରୋଷଘରୁ ନିଆଁ ଅଣାଯିବ ଓ ସେଥିରେ ଘିଅକୁ ତରଳାଯାଇ କୁମ୍ଭରେ ଥିବା ପାଣିରେ ମିଶାଯିବ। ଟେରାବନ୍ଧା ପରେ ଭୋଗମଣ୍ଡପ ଘରଠାରୁ ଜଳଛେକ ଗରାବଡୁମାନେ ବାଘମୁହାଁ ବାନ୍ଧି ଘଣ୍ଟ, ଛତା, କାହାଳୀ ସହ ତଲୁଛ ପ୍ରଧାନୀ ପଟୁଆରରେ ଆସି ପାଣିଗଡ଼ିକୁ ଚାରିଥର ଚାରିଟି ପନ୍ତିରେ ରଖିବେ। ଅନ୍ୟାନ୍ୟ ନୀତି କରାଯାଇ ମହାପ୍ରଭୁଙ୍କ ଅଭିଷେକ ବେଶ, ସ୍ୱର୍ଣ୍ଣ ଅଳଙ୍କାର ଲାଗି, ମାଳଫୁଲ କର୍ପୂର ଲାଗି ପରେ ରୋଷଘରୁ ଘଣ୍ଟ, ଛତା, କାହାଳୀ, ପଟୁଆରରେ ପୁଷ୍ୟାଭିଷେକ ଯାତ୍ରାଙ୍ଗୀ ଭୋଗ ଛାମୁକୁ ଆସେ। ପରେ ପ୍ରସାଦ ଲାଗି ସହ ବିଭିନ୍ନ ନୀତି ପରେ ଭିତରଛୁ ସିଂହାସନ ଉପରେ ଲକ୍ଷ୍ମଣଙ୍କ ସ୍ୱରୂପ ଠିଆହୋଇ ଦଣ୍ଡଛତ୍ର ଧରିବେ। ପାଳିଆ ଭଣ୍ଡାର ମେକାପ ହନୁମାନ ସ୍ୱରୂପ ଦଣ୍ଡଛତ୍ର ମୂଳକୁ ଧରିବେ। ପରେ ପୂଜାପଣ୍ଡା ଆସି ଷୋଡ଼ଶ ଉପଚାରରେ ପୂଜା କରନ୍ତି। ଭୋଗସରି ପାଣି ପଡ଼ିଲେ ପଣ୍ଡା, ପତି, ମୁଦିରସ୍ତ ତିନିବାଡ଼ରେ ବନ୍ଦାପନା କରନ୍ତି। ମୁଦିରସ୍ତ ଫୁଲଶର ଆୟୁଧ ଲାଗି ଓ ସିଂହାସନ ଉପରେ ଚାମର ଆଲଟ କରନ୍ତି। କିଛି ନୀତି ସମ୍ପାଦନ ପରେ ଦକ୍ଷିଣଘର ଭୋଗ ଶେଷ ପରେ ରଘୁନାଥ ଠାକୁର ରତ୍ନସିଂହାସନକୁ ବିଜେ କରନ୍ତି। ସେ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇବା ପରେ ଲକ୍ଷ୍ମୀମନ୍ଦିରକୁ ବାହାରି ଅଭିଷେକ ପାଇଁ ବିଜେ କରନ୍ତି। ସେଠାରେ କାଠ ଭଦ୍ରାସନରେ ବିଜେ ହେବା ପରେ ମହାସ୍ନାନ ହୁଏ। ଭୋଗ ବନ୍ଦାପନା ହୋଇ ଦକ୍ଷିଣ ଘରକୁ ବାହୁଡ଼ା ବିଜେ କରନ୍ତି।

# ଆକ୍ରମଣ, ଲୁଟ୍ ଅଭିଯୋଗରେ ୩ ଗିରଫ

**ପୁରୀ ଅଫିସ, ୫।୧**

ଗାଡ଼ି ଅଟକାଇ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ମରଣାନ୍ତକ ଆକ୍ରମଣ ସହ ଲୁଟ କରିବା ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ୩ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଗନ୍ନାଥ ବସ୍ତିର ଦୀପକ କୁମାର ଦାସ (୨୫), ପିନାକି ବରାଳ ଓରଫ ପିନୁ (୨୬) ଏବଂ ମନୋଜ କୁମାର ପଣ୍ଡା ଓରଫ ମୁନା (୨୨)। ଏମାନଙ୍କଠାରୁ ୫୦୦ ଟଙ୍କା, ଏକ ସୁନା କୋଟେଟ୍ କାନଫୁଲ, ଗୋଟିଏ ମୋବାଇଲ ଫୋନ୍, ଗୋଟିଏ ଘଣ୍ଟା ଏବଂ ଏକ ମନିପର୍ସ ଯେଉଁଥିରୁ ଭୋଟର କାର୍ଡ, ଏଟିଏମ୍ କାର୍ଡ ସହ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୨/୨୩) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ୨ ତାରିଖରେ ବ୍ରହ୍ମଗିରି ଥାନା ଅଞ୍ଚଳର ବିଶ୍ୱଜିତ୍ ମହାପାତ୍ର ଅଭିଯୋଗ କରିଥିଲେ, ୧ ତାରିଖ ଭୋର ୩ଟାରେ ସେ ଘରକୁ ଫେରୁଥିବାବେଳେ ଗୋଖାସାହି ଛକ ନିକଟରେ ଏକ ବାଇକ (ନଂ. ଓଡି ୧୩ ଏମ୍ ୯୭୧୬)ରେ ୩ଜଣ ଯୁବକ ତାଙ୍କ ନିକଟକୁ ଆସି ଅଟକାଇଥିଲେ। ପରେ ତାଙ୍କୁ ଗାଳିଗୁଲଜ କରିବା ସହ ମାରଣାସ୍ତ୍ରରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ପରେ ଅଭିଯୁକ୍ତମାନେ ତାଙ୍କଠାରୁ ଲୁଟ କରି ଫେରାର ହୋଇଯାଇଥିଲେ। ଏ ନେଇ ପୋଲିସ ତଦନ୍ତ ଜାରି ରଖିଥିଲା।

# ଛାତ୍ରୀଛାତ୍ରଙ୍କୁ ଦେଶ ଗଠନରେ ବ୍ରତୀ ହେବାକୁ ଆହ୍ୱାନ

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ**

**କଣାସ,୫।୧(ସ୍ୱ.ପ୍ର.)**

କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ପଞ୍ଚାୟତର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଊନବିଂଶତମ ବାର୍ଷିକୋତ୍ସବ ଗୁରୁବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଶିଶୁ ମନ୍ଦିର ପରିଚାଳନା ସମିତି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରି ଶୃଙ୍ଖଳିତ ହୋଇପାରିଥିବା କହିଥିଲେ। ମୁଖ୍ୟବକ୍ତା ରୂପେ ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗର ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦେଶ ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ରୂପେ କଣାସ ବ୍ଲକ ସହ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ, ସାମାଜିକ କର୍ମୀ ପ୍ରଭାତ କିଶୋର ଦାସ, ଅବସରପ୍ରାପ୍ତ ପ୍ରାଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ଦାସ, ବିଦ୍ୟାଳୟ ସମ୍ପାଦିକା ସୌଦାମିନୀ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମଧୁସୂଦନ ପାଣି ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଶିକ୍ଷାବିତ୍ ଲମ୍ବୋଧର ବେହେରା ମଞ୍ଚ ସଂଯୋଜନା କରିଥିଲେ। କରୁଣାକର ରାଉତ ଓ ବାବୁ ରାଉତରାୟଙ୍କ କୋରିଓଗ୍ରାଫିରେ ବିଦ୍ୟାଳୟର ଛାତ୍ରୀଛାତ୍ର ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ରାଜ୍ୟ ସ୍ତରରେ କୃତିତ୍ୱ ହାସଲ କରିଥିବା ବିଦ୍ୟାଳୟର ୨ ଛାତ୍ର ସାଇ ସ୍ୱାଗତ ସୁନ୍ଦରାୟ, ରାଜଦୀପ ଦାସଙ୍କ ସହିତ ଅନ୍ୟ ବିଦ୍ୟାର୍ଥୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଗୁରୁଜୀ ଓ ଗୁରୁମା’ ଏହାର ତତ୍ତ୍ୱାବଧାନ କରିଥିଲେ।



ଉତ୍ସବରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଉଦ୍‌ବୋଧନ ଦେଉଛନ୍ତି।

# ସାଂସ୍କୃତିକ କାର୍ଯ୍ୟକ୍ରମ, ଆଲୋଚନାଚକ୍ର

**ତୃତୀୟ ଦିନରେ ପୁସ୍ତକ ମେଳା**

**ପୁରୀ ଅଫିସ, ୫।୧**

ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲା ପ୍ରଶାସନ ଏବଂ ଶ୍ରୀକ୍ଷେତ୍ର ପୁସ୍ତକମେଳା କମିଟି ପକ୍ଷରୁ ଶରଧାବାଲିଠାରେ ଚାଲିଥିବା ୨୭ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ତୃତୀୟ ଦିବସରେ ଗୁରୁବାର ବହିମେଳାରେ ଦର୍ଶକ ଓ ପାଠକଙ୍କ ପ୍ରବଳ ସମାଗମ ହୋଇଥିଲା। ଚନ୍ଦ୍ରବିଜୟୀଙ୍କ କୁଇଜ୍ ସହର ଓ ଗାଁର ଛାତ୍ରୀଛାତ୍ରଙ୍କୁ ଆନନ୍ଦ ଦେଇଥିଲା। ଛାତ୍ରୀଛାତ୍ର ଓ ଅଭିଭାବକମାନେ ପାଠ୍ୟପୁସ୍ତକ ଷ୍ଟଲ୍ ଆଗରେ ଲମ୍ୱାଧାଡ଼ି ଲଗାଇଥିଲେ। ଏଥିସହ ପଠନ ଟୁଙ୍ଗୀ ଓ ଚିତ୍ରକଳା ପ୍ରଦର୍ଶନୀରେ ଅନେକ ପାଠକ ଯୋଗଦେଇଥିଲେ।

ସନ୍ଧ୍ୟାରେ ସିଦ୍ଧ ମହାବୀର ସଙ୍ଗୀତ ପରିଷଦ ପକ୍ଷରୁ ଗୁରୁ ସତ୍ୟପ୍ରିୟ ମହାପାତ୍ର ଓ ସବିତା ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସିଦ୍ଧମହାବୀର ସଙ୍ଗୀତ ପରିଷଦର ସୁନାମଧନ୍ୟ ବେତାର ଓ ଦୂରଦର୍ଶନ କଳାକାରମାନେ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଜ୍ୟୋତିସ୍ମିତା କର, ଜ୍ୟୋସ୍ନାରାଣୀ ମହାନ୍ତି, ଶୁଭସ୍ମିତା ମହାପାତ୍ର, ବାଣୀଶ୍ରୀ ମହାପାତ୍ର, ଦେବାଂଶୀ ଦାଶ, ପ୍ରଯୁକ୍ତା ପାରମିତା, ସୁଭଦ୍ରା ନାୟକ, ଶୁଭଲକ୍ଷ୍ମୀ ମିଶ୍ର, ଦିଶା ବୀଣାକର, ପ୍ରତୀକ୍ଷା କୁମାରୀ ସ୍ୱାଇଁ ଓ ମୀରାବାଈ ସାହୁ ପ୍ରମୁଖ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁ ପ୍ରତାପ କୁମାର ବାରିକ, ଗୁରୁ ବିକ୍ରମ ଦାସ, ଦୁର୍ଗା ପ୍ରସନ୍ନ ଦାଶ ଏବଂ ଅମ୍ଳାନ ଅମୃତାଂଶୁ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ମନୋଜ ରଥଙ୍କ ପରିଚାଳନାରେ ଉତ୍କଳ ବିଦ୍ୱତ ପରିଷଦ ପକ୍ଷରୁ ଅନୁଷ୍ଠାନର ବାର୍ଷିକ ଉତ୍ସବ ଓ ଆଲୋଚନା ଚକ୍ର ‘ମୋ ସ୍ୱପ୍ନର ପୁରୀ’ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସବୁ ବର୍ଗର ବ୍ୟକ୍ତି ଯୋଗଦେଇ ସେମାନେ ଦେଖିଥିବା ସ୍ୱପ୍ନ ସମ୍ପର୍କରେ କହିଥିଲେ। ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ ମହାରାଜ, ମୁକ୍ତି ମଣ୍ଡପ ପଣ୍ଡିତ ସଭାର ଉପସଭାପତି ରାମାବଲ୍ଲଭ ମହାପାତ୍ର, ବିଶିଷ୍ଟ ଗାନ୍ଧୀବାଦୀ ଗୌରାଙ୍ଗ ଚରଣ ପରିଡ଼ା, ନାରିକେଳ ବିକାଶ ବୋର୍ଡର ପୂର୍ବତନ ଉପାଧ୍ୟକ୍ଷ ବିଶ୍ୱନାଥ ରଥ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ପରିଷଦର ଅଧ୍ୟକ୍ଷ ମନୋଜ ରଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୁରୀ ଜ୍ଞାନର ଗୁରୁ ହେଉ। ଆଧ୍ୟାତ୍ମିକ ଓ ଭୌତିକ ବିକାଶ, ପଞ୍ଚତୀର୍ଥରେ ନିତ୍ୟ ଆରତି, ରାସ୍ତାଘାଟ ଆବର୍ଜନାମୁକ୍ତ, ବଡ଼ଦାଣ୍ଡ ଆମିଷମୁକ୍ତ, ଆଗନ୍ତୁକ ସାଧୁସନ୍ଥଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯିବା ସହ ଶ୍ରୀଜଗନ୍ନାଥଙ୍କ ପ୍ରଚାର ପାଇଁ ଏଫଏମ୍ ରେଡିଓ ଷ୍ଟେଶନ ଖୋଲାଯାଉ ପ୍ରଭୃତି ବିଭିନ୍ନ ଦାବି ହୋଇଥିଲା। ଆଲୋଚନାରେ ଲେଖକ ବଦ୍ରି ମିଶ୍ର, ସାମାଜିକ କର୍ମୀ ସିଦ୍ଧାର୍ଥ ରାୟ, ଭାଜପା ନେତ୍ରୀ ଜ୍ୟୋତି ମିଶ୍ର, କଂଗ୍ରେସ ନେତା ବିଶ୍ୱନାଥ ଦାଶ, ପୁରୀ ଓକିଲ ସଂଘ ସଭାପତି ଜୟରାମ ବସ୍ତିଆ, ସମ୍ପାଦକ ବିଭୁତି ଭୂଷଣ ତ୍ରିପାଠୀ, ମିଶନ ଓଡ଼ିଶା ମୁଖ୍ୟ ମଧୁସୂଦନ ମିଶ୍ର, ଏପି ନେତା ସଞ୍ଜୀବ ମହାନ୍ତି, କମ୍ୟୁନିଷ୍ଟ ନେତା ଶରତ ରାୟଗୁରୁ ଏବଂ ବରିଷ୍ଠ ସେବାୟତ ମଧୁସୁଦନ ସିଂହାରୀ ପ୍ରମୁଖ ବକ୍ତା ଭାବେ ଯୋଗଦେଇ ମତ ରଖିଥିଲେ। ବିଜୟ କୃଷ୍ଣ ବ୍ରହ୍ମା, କମଳାକାନ୍ତ ଆଚାର୍ଯ୍ୟ, ବିରଞ୍ଚି ମିଶ୍ର, ଦିବ୍ୟରଞ୍ଜନ ଦାଶ ଏବଂ ଭବାନୀ ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଆଲୋଚନାଚକ୍ର ଅବସରରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।


ହକି ପୁରୁଷ ବିଶ୍ୱକପ୍ ପାଇଁ ଭୁବନେଶ୍ୱର ରେଡ୍‌କ୍ରସ ଛକରୁ ଶାସ୍ତ୍ରୀନଗର ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱ ଗଛକୁ ଆଲୋକୀକରଣ କରାଯାଉଛି।


ହାଉସିଂବୋର୍ଡ ଛକ ନିକଟରେ ହକି ବିଶ୍ୱକପ୍ ମଡେଲକୁ ନେଇ ନିର୍ମିତ କଳାକୃତି।

# ରାଜଧାନୀରେ ହକି କ୍ରେଜ୍


ଚନ୍ଦ୍ରଶେଖରପୁର ଅଞ୍ଚଳରେ ଟେରାକୋଟାକୁ ନେଇ ସୁନ୍ଦର କଳାକୃତି ତିଆରି କରାଯାଉଛି।


ଚନ୍ଦକା ଶିଳ୍ପାଞ୍ଚଳ ମୁଖ୍ୟ ରାସ୍ତା ଓ ପାର୍ଶ୍ୱସ୍ଥ ପାଚେରିକୁ ବିଭିନ୍ନ ଥିମ୍‌ରେ ଚିତ୍ରିତ କରାଯାଇଛି।




ରସୁଲଗଡ଼ ଛକସ୍ଥିତ ଓଭରବ୍ରିଜ୍‌କୁ ଆଲୋକ ଓ ରଙ୍ଗରେ ରଙ୍ଗିନ କରାଯାଇଛି। (ଫଟୋ– ବିକାଶ)

## ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି ଉଦ୍‌ଘାଟିତ



ଭୁବନେଶ୍ୱର,୫।୧(ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି ଚାମ୍ପିୟନଶିପ୍ ଗୁରୁବାର ଉତ୍କଳ ବିଶ୍ୱ ବିଦ୍ୟାଳୟର ବିଜୁ ପଟ୍ଟନାୟକ କ୍ରୀଡ଼ା କମ୍ପ୍ଲେକ୍ସଠାରେ ଉଦ୍‌ଘାଟିତ ହୋଇଛି। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ହକି ଆମର ଜାତୀୟ ଖେଳ ଏବଂ ଆମେ ଏହାକୁ ପ୍ରୋତ୍ସାହିତ କରିବା ଉଚିତ ବୋଲି କହିଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଓଡ଼ିଶା ଏବଂ ସମଗ୍ର ଦେଶରେ ହକି ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଛନ୍ତି, ହକି କେବଳ ପୁରୁଷ ନୁହଁନ୍ତି, ମହିଳାମାନେ ମଧ୍ୟ ହୃଦୟ ଏବଂ ନିଷ୍ଠା ସହିତ ହକି ଖେଳିବାର ସମସ୍ତ ଅଧିକାର ରହିଛି। କେବଳ ଓଡ଼ିଶା ନୁହେଁ, ସର୍ବଭାରତୀୟସ୍ତରରେ ମହିଳା ହକିକୁ କିପରି ପ୍ରୋତ୍ସାହନ ଦିଆଯାଇପାରିବ ତାହା ମଧ୍ୟ ମୁଖ୍ୟ ଉଦ୍ଦେଶ୍ୟ ହେବା ଉଚିତ। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି କହିଛନ୍ତି, ବର୍ଷ ବର୍ଷ ଧରି ଓଡ଼ିଶା ମହାନ ହକି ଖେଳାଳିଙ୍କ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହୋଇଛି। ଉଚ୍ଚଶିକ୍ଷା ବିଭାଗ, ମହିଳା ହକି ଚାମ୍ପିଅନଶିପ୍ ପାଇଁ ପ୍ରୋତ୍ସାହନମୂଳକ ପଦକ୍ଷେପ ଗ୍ରହଣ କରୁଛି। ପୂର୍ବତନ ଅନ୍ତର୍ଜାତୀୟ ହକି ଖେଳାଳି ପାଉଲିନା ସୁରିନ କହିଛନ୍ତି, ଜାତୀୟସ୍ତରରେ ହକି ଭଲ ପ୍ରଦର୍ଶନ କରୁଛି।

## ସଫେଇ ଏଜେନ୍ସି ଉପରେ ବର୍ଷିଲେ ମେୟର

# ଠିକ୍ କାମ ନ କଲେ ଟେଣ୍ଡର ବାତିଲ

ଭୁବନେଶ୍ୱର, ୫।୧ (ବ୍ୟୁରୋ)

କାନ୍ଥରେ ଚିତ୍ର କରି, ରାସ୍ତାକଡ଼ରେ ଫୁଲ ଗଛ ଲଗାଇ ଯେତେ ଯାହା କଲେ ବି ମୁଖ୍ୟ ପ୍ରସଙ୍ଗରେ ମାଡ଼ ଖାଇଯାଉଛି ବିଏମ୍‌ସି। ସହରକୁ ଯେତେ ଚିତ୍ରରେ ସଜେଇଲେ କ'ଣ ହେବ, ମୁଖ୍ୟରାସ୍ତାଠାରୁ ଆରମ୍ଭ କରି ଗଳିକନ୍ଦି ପର୍ଯ୍ୟନ୍ତ ସବୁଆଡେ ଅଳିଆ ପଡ଼ିରହୁଛି। ସଫେଇ କାର୍ଯ୍ୟରେ ନିୟୋଜିତ ଥିବା ସଂସ୍ଥାଗୁଡ଼ିକର ମନମୁଖି କାର୍ଯ୍ୟ ପାଇଁ ବାରମ୍ବାର ସମାଲୋଚନାର ଶିକାର ହେଉଛି ବିଏମ୍‌ସି। କେତେକ ସଂସ୍ଥା ପାଖରେ ଆବଶ୍ୟକୀୟ ମେସିନାରି ଏବଂ କର୍ମଚାରୀର ଅଭାବ ଥିଲେ ବି ବିଏମ୍‌ସି ସେମାନଙ୍କୁ ଟେଣ୍ଡର ଦେଇଛି। ତେଣୁ ଟେଣ୍ଡର ପ୍ରକ୍ରିୟାରେ ହୋଇଥିବା ପ୍ରୀୟାପ୍ରୀତି ତୋଷଣର ପରିଣାମ ଏବେ ବିଏମ୍‌ସି ସହିତ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡୁଛି। ସପ୍ତାହ ପରେ ବିଶ୍ୱକପ୍ ହକି। ତେଣୁ ସହରର ପରିମଳ ବ୍ୟବସ୍ଥାକୁ ନେଇ କୌଣସି ଦୋଷ ମୁଣ୍ଡାଇବାକୁ ଚାହୁଁନାହାନ୍ତି ବିଏମ୍‌ସି କର୍ତ୍ତୃପକ୍ଷ। ଏହି ପରିପ୍ରେକ୍ଷୀରେ ଗୁରୁବାର ବିଏମ୍‌ସି କାର୍ଯ୍ୟାଳୟରେ ସ୍ୱତନ୍ତ୍ର ପରିମଳ ବୈଠକ ଅନୁଷ୍ଠିତ ହୋଇଥିଲା। ମେୟର ସୁଲୋଚନା ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ସମସ୍ତ କର୍ପୋରେଟରଙ୍କ ସହିତ ସଫେଇ ଏଜେନ୍ସିଗୁଡିକର ଅଧିକାରୀମାନେ ଯୋଗଦେଇଥିଲେ। ଏଥିରେ ସଫେଇ ସଂସ୍ଥା ଗ୍ରୀନ୍ ସର୍କଲ ଏବଂ ଆୱାରଲ୍ୟାଣ୍ଡର କାର୍ଯ୍ୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ ମେୟର ଓ କମିଶନର। ଅନ୍ୟ ସଂସ୍ଥାଗୁଡିକ ଯାହା ଯେମିତି କାମ ଚଳାଉଥିବାବେଳେ ଏହି ଦୁଇ ସଂସ୍ଥା ନିୟୋଜିତ ହୋଇଥିବା ୱାର୍ଡଗୁଡିକରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଛି। ଏମାନଙ୍କ ନାମରେ ବିଭିନ୍ନ ଅଭିଯୋଗ ଆସୁଥିବାରୁ ଠିକ୍ ଭାବେ କାମ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ମେୟର। ଏଥସହ ସେମାନଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିବା ସହ ଆବଶ୍ୟକ ହେଲେ ଟେଣ୍ଡର ବାତିଲ କରିଦେବା ପାଇଁ ମଧ୍ୟ କଡ଼ା ଚେତାବନୀ ଦିଆଯାଇଛି। ବର୍ତ୍ତମାନ ୫୦ଟି ୱାର୍ଡରେ ସଫେଇ ପାଇଁ ବିଭିନ୍ନ ସଂସ୍ଥା ନିୟୋଜିତ ଥିବାବେଳେ ୧୭ଟି ୱାର୍ଡରେ ବିଏମ୍‌ସି ନିଜେ ଏବଂ କିଛି ପୁରୁଣା ଏଜେନ୍ସି ମିଳିତ ଭାବେ ସଫେଇ କାର୍ଯ୍ୟ କରୁଛନ୍ତି। ଏହି ୱାର୍ଡଗୁଡିକ ହେଉଛି ପ୍ୟାକେଜ୍ ୫ ଅନ୍ତର୍ଗତ ଦକ୍ଷିଣପଶ୍ଚିମ ଜୋନ୍‌ର ୱାର୍ଡ ନଂ ୨୪, ୨୫, ୨୭, ୩୭, ୩୮, ୩୯, ୪୭,୪୮,୪୯, ୫୦, ୫୧ ଏବଂ ପ୍ୟାକେଜ ୮ ଅନ୍ତର୍ଗତ ଦକ୍ଷିଣପୂର୍ବ ଜୋନ୍‌ର ୱାର୍ଡ ନଂ ୩୧, ୩୨, ୩୩, ୪୨, ୪୩ ଏବଂ ୪୫। ଏହି ୱାର୍ଡରେ ସଫେଇ ଟେଣ୍ଡର 'ମଞ୍ଜୁଶ୍ରୀ' ସଂସ୍ଥାକୁ ଦିଆଯାଇଥିଲା। ତେବେ ହାଇକୋର୍ଟ ଏହି ଟେଣ୍ଡରକୁ ରଦ୍ଦ କରିବା ପରେ ଏଥିପାଇଁ ନୂଆ ଟେଣ୍ଡର କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। କର୍ପୋରେଟରମାନଙ୍କଠାରୁ ଏ ନେଇ ମତାମତ ଆସିବା ପରେ ସରକାରଙ୍କୁ ଫାଇଲ ପଠାଯିବ। ସରକାରଙ୍କ ସ୍ୱୀକୃତି ପାଇବା ପରେ ହକି ପରେ ନୂତନ ଟେଣ୍ଡର ଡକାଯିବ। ତେବେ ଏଥର ଟେଣ୍ଡର ପ୍ରକ୍ରିୟାରେ ସୁଧାର ଆଣିବା ସହିତ ୱାର୍ଡରୁ ଅଳିଆ ସଂଗ୍ରହ କରିବାଠାରୁ ଡମ୍ପିଂୟାର୍ଡରେ ଅଳିଆ ପକାଇବା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ସମ୍ପୃକ୍ତ ସଂସ୍ଥାର ରହିବ ବୋଲି ସୂଚନା ଦିଆଯାଇଛି। ସେହିପରି ପୂର୍ବରୁ ୨ଟି ପ୍ୟାକେଜ୍‌ରେ ମେକାନିକାଲ୍ ସ୍ୱିପିଂ କରାଯାଉଥିଲା। ୮୦ କି.ମି. ପର୍ଯ୍ୟନ୍ତ ସହରର ମୁଖ୍ୟ ରାସ୍ତାଗୁଡିକର ସଫେଇ ହେଉଥିଲା। ମାତ୍ର ଏବେ ୪ଟି ପ୍ୟାକେଜ୍‌ରେ ୧୩୬ କି.ମି. ରାସ୍ତାରେ ମେକାନିକାଲ ସ୍ୱିପିଂ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଖୁବ୍‌ଶୀଘ୍ର ଏଥିପାଇଁ ମଧ୍ୟ ଟେଣ୍ଡର ଡକାଯିବ। ଏହାବାଦ୍ ଭାରତ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବାୟୋ ମିଥେନ୍ ପ୍ଲାଣ୍ଟର ନିର୍ମାଣ କରାଯିବ। ଏଥିପାଇଁ ପଲାଶୁଣିରେ ସ୍ଥାନ ଚିହ୍ନଟ କରାଯାଇଛି। ଏନେଇ ସମସ୍ତ ତଥ୍ୟ ସରକାରଙ୍କୁ ପଠାଇବା ପରେ ସେଠାରୁ ନିର୍ଦ୍ଦେଶ ଆସିଲେ ଟେଣ୍ଡର ପ୍ରକ୍ରିୟା ଏବଂ ଅନ୍ୟାନ୍ୟ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଏମ୍‌ସି ଡେପୁଟି କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି।

### ବିଏମ୍‌ସିର ସ୍ୱତନ୍ତ୍ର ପରିମଳ ବୈଠକ

- ହକି ପରେ ୧୭ ୱାର୍ଡ ପାଇଁ ନୂଆ ଟେଣ୍ଡର
- ୪ ପ୍ୟାକେଜ୍‌ରେ ୧୩୬ କି.ମି. ରାସ୍ତାରେ ହେବ ମେକାନିକାଲ ସ୍ୱିପିଂ
- ପଲାଶୁଣୀରେ ହେବ ବାୟୋ ମିଥେନ୍ ପ୍ଲାଣ୍ଟ

## ସଂକ୍ଷେପରେ

### କ୍ୟାବିନ ତାଲା ଭାଙ୍ଗି ଚୋରି

ଝାଁଳା,୫ା୧(ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ଅଧୀନ ଝାଁଳା ବଜାରରେ ଥିବା ଏକ କ୍ୟାବିନର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସମସ୍ତ ସାମଗ୍ରୀ ଓ ଟଙ୍କା ନେଇଯାଇଛନ୍ତି। ଗୁରୁବାର ଏନେଇ ଦୋକାନ ମାଲିକ କୃଷ୍ଣଚନ୍ଦ୍ର ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଝାଁଳା ବଜାରରେ କୃଷ୍ଣଚନ୍ଦ୍ରଙ୍କ ଏକ ପାନ ମସଲା ଓ ଗୁଆ ଦୋକାନ ରହିଛି। ବୁଧବାର ରାତିରେ କୃଷ୍ଣଚନ୍ଦ୍ର ଦୋକାନ ବନ୍ଦକରି ଘରକୁ ଯାଇଥିଲେ। ଗୁରୁବାର ସକାଳେ ସେ ଦୋକାନ ଖୋଲିବା ପାଇଁ ଆସି ଦେଖିବା ବେଳକୁ ତାଲା ଭଙ୍ଗାହୋଇ ପଡ଼ିଛି। ଦୁର୍ବୃତ୍ତମାନେ କ୍ୟାବିନରୁ ୩୦ କେଜି ଗୁଆ, ବିଭିନ୍ନ ପ୍ରକାର ପାନମସଲା ଓ ୪ଶହ ଟଙ୍କା ଚୋରିକରି ନେଇଯାଇଛନ୍ତି। ଏନେଇ କୃଷ୍ଣଚନ୍ଦ୍ର ଥାନାର ଦ୍ୱାରସ୍ଥ ହୋଇଥିଲେ।

### ଟାଙ୍ଗୀରେ ଧାନମଣ୍ଡି ଉଦ୍‌ଘାଟିତ

ଟାଙ୍ଗୀ(ଖୋର୍ଦ୍ଧା),୫ା୧(ଡି.ଏନ୍.ଏ.): ଟାଙ୍ଗୀ ସେବା ସମବାୟ ସମିତି ପରିସରରେ ଗୁରୁବାର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଚଳିତ ବର୍ଷ ୩୦୩ ଜଣ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇଛି। ଉଦ୍‌ଘାଟନ ଦବସରେ ୧୫ଜଣ ଚାଷୀଙ୍କ ଠାରୁ ୪୮୦ କୁଇଣ୍ଟାଲ ଧାନ କିଣାଯାଇଛି। କୁଇଣ୍ଟାଲ ପିଛା ୨୦୪୦ ଟଙ୍କାରେ କିଣା ଯାଇଥିଲା। ସମବାୟ ସହକାରୀ ନିବନ୍ଧକ ଅନନ୍ତ ଚରଣ ନାୟକ, ସମବାୟ ସମିତି ସଭାପତି ମହେନ୍ଦ୍ର କୁମାର ସାହୁ, ସମ୍ପାଦକ ଚନ୍ଦ୍ର ଶେଖର ସାହୁଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

### ସୂଚନାଧିକାରୀ କର୍ମୀଙ୍କୁ ଧମକ

ଜଟଣୀ,୫ା୧(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ବଡ଼ନୂଆଗାଁ ଅଞ୍ଚଳର ସାମାଜିକ କର୍ମୀ ତଥା ସୂଚନା ଅଧିକାର କର୍ମୀ ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ କେହି ଦୁର୍ବୃତ୍ତ ଫୋନ କରି ମିଥ୍ୟା ମାମଲାରେ ଫସାଇ ଦେବ ବୋଲି ଧମକ ଦେଇଛନ୍ତି। ଏନେଇ ମହାପାତ୍ର ଜଟଣୀ ଥାନା, ପୋଲିସ କମିଶନର, ଡିସିପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଆଇନ ମୁତାବକ ନ୍ୟାୟ ଓ ସୁରକ୍ଷା ପାଇଁ ନିବେଦନ କରିବା ସହିତ ଫୋନ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି।

### ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କୃଷ୍ଣପ୍ରସାଦ,୫ା୧(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବାରୁଣାଇଁ ଯୁବ ଛାତ୍ର ସଙ୍ଗଠନ ନନ୍ଦନା ଆନୁକୂଲ୍ୟରେ ପ୍ରଥମ ବିଦେଶୀ ସ୍ମାରକୀ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ବୃନ୍ଦାବତୀ ଷ୍ଟାଡିୟମରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ରାମଲେଙ୍କା ପଞ୍ଚାୟତ ସରପଞ୍ଚ ସବିତା ବିଶ୍ୱାଳ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ମାନସିଂହ ହାଇସ୍କୁଲର ପ୍ରଧାନ ଶିକ୍ଷକ ଆର୍ତ୍ତତ୍ରାଣ ବେହେରା, ସିଆରସିସି ପ୍ରଶାନ୍ତ ନାୟକ, ପୂର୍ବତନ ସରପଞ୍ଚ କିଶୋର ଚନ୍ଦ୍ର ବିଶୋଇ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ବିଷ୍ଣୁ ପ୍ରସାଦ ଦଳେଇ ଅତିଥି ପରିଚୟ ଏବଂ ଧନ୍ୟବାଦ ଦେଇଥିଲେ। ପ୍ରଥମ ଦିବସରେ ଗଞ୍ଜାମ ଜିଲାର ଝାରେଡି ସ୍ୱାମୀ ବିବେକାନନ୍ଦ କ୍ରିକେଟ ଟିମ ଏବଂ ଶନିଶ୍ଚର ଦେବ କ୍ରିକେଟ ଟିମ ରାମଲେଙ୍କା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଝାରେଡି ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯୯ ରନ ସଂଗ୍ରହ କରିଥିଲା। ଜବାବରେ ରାମଲେଙ୍କା ଟିମ୍ ଆବଶ୍ୟକ ରନ ସଂଗ୍ରହ ନ କରିପାରି ପରାଜିତ ହୋଇଥିଲା। ରିପୁନ ରାଜ ତରେଇ, ଭବାନୀ ଶଙ୍କର ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଶିଶିର କୁମାର ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ।

# ବ୍ୟାରେଜ ଅବ୍ୟବସ୍ଥା ନେଇ ଫେରାଦ ହେଲେ ଚାଷୀ

**ସ୍ଥିତି ଅନୁଧ୍ୟାନ କଲେ ଉପଜିଲାପାଳ**
- ଯନ୍ତ୍ରୀଙ୍କ ଉପରେ ବର୍ଷିଲେ ଚାଷୀ
- ପ୍ରଶାସନିକ ଅବହେଳାରୁ ହୋଇପାରୁନି ରବି ଫସଲ
- ପାଣି ପମ୍ପରେ ହେବ ଜଳସେଚନ ବ୍ୟବସ୍ଥା

ଖୋର୍ଦ୍ଧା ଅଫିସ,୫ା୧


ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଅଧିକାରୀ ଏବଂ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ରାଜୁଆ ବ୍ୟାରେଜ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଉପଜିଲାପାଳଙ୍କ ସହ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ(ଏସ୍‌ଇ), ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୟରେ ଏକାଧିକ ଚାଷୀ ରାଜୁଆ ବ୍ୟାରେଜର ଅବ୍ୟବସ୍ଥା ସମ୍ପର୍କରେ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳାକୁ ନେଇ ବର୍ଷିଥିଲେ। ରବି ଫସଲ ଲାଗି ରାଜୁଆ ଉପରେ ନିର୍ଭର କରୁଥିବା ବେଳେ ଏହାର ସୁଫଳ ଚାଷୀ ପାଉନାହାନ୍ତି। ପର୍ଯ୍ୟାପ୍ତ ମାତ୍ରାରେ ଜଳସେଚନର ଅଭାବ ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଚାଷୀ ପ୍ରତିବର୍ଷ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଳସେଚନ ଅଭାବରୁ ଚାଷୀ ରବି ଫସଲରୁ ବଞ୍ଚିତ ହେଉଛନ୍ତି। ଫଳରେ ଏହି ଅଞ୍ଚଳର ଚାଷୀ ଅନ୍ୟ ଉପାୟ ନ ପାଇ ଦାଦନ ଖଟି, ମୂଲ ଲାଗି ପରିବାର ଚଳାଉଛନ୍ତି।

ପ୍ରକାଶ ଯେ, ଖୋର୍ଦ୍ଧା, ଜଟଣୀ ଓ ସତ୍ୟବାଦୀ ନିର୍ବାଚନମଣ୍ଡଳୀର ପ୍ରାୟ ୧୦ ପଞ୍ଚାୟତର ୫୦ଟି ଗ୍ରାମର ଚାଷୀ ରବି ଫସଲ ଉପରେ ନିର୍ଭରଶୀଳ। ଉପର ମୁଣ୍ଡରେ ଠିକ୍ ଭାବେ ପରିଚାଳନା କରାଯାଉ ନ ଥିବାରୁ ତଳମୁଣ୍ଡକୁ ପାଣି ପହଞ୍ଚି ପାରୁନି। ପୁଣି ବ୍ୟାରେଜ୍‌ର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ସ୍ଥାନେ ସ୍ଥାନେ କେନାଲ ପୋତି ହୋଇଗଲାଣି। ଏହାର ପୁନରୁଦ୍ଧାର କରାଯାଉନାହିଁ। ଫଳରେ ଚାଷୀ ଉପେକ୍ଷିତ ହେଉଛନ୍ତି। ରାଜୁଆ ବ୍ୟାରେଜରୁ ପ୍ରାୟ ୧ହଜାର ଏକର ଚାଷଜମିକୁ ପାଣି ଯୋଗାଇବାର ବ୍ୟବସ୍ଥା ରହିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଚାଷୀ କୌଣସି ସୁବିଧା ପାଇପାରୁନାହାନ୍ତି। ଫଳରେ ଏହି ବ୍ୟାରେଜ୍ ଉପରେ ନିର୍ଭରଶୀଳ ଚାଷୀ ରବି ଫସଲ ପ୍ରାୟ ବନ୍ଦ କରିସାରିଲେଣି। କେବଳ ୨୦ରୁ ୩୦ ପ୍ରତିଶତ ସ୍ଥାନରେ କେତେଜଣ ଚାଷୀ ରବି ଫସଲ କରୁଛନ୍ତି ବୋଲି ଚାଷୀମାନେ ଉପଜିଲାପାଳଙ୍କୁ ଜଣାଇଛନ୍ତି। ଏନେଇ ଉପଜିଲାପାଳ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଏହାର ସମାଧାନ ଲାଗି ପରାମର୍ଶ ଦେଇଥିଲେ। ପାଣି ପମ୍ପ୍ ସାହାଯ୍ୟରେ ଜଳସେଚନ ବ୍ୟବସ୍ଥା କରାଯିବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଉପଜିଲାପାଳଙ୍କ ଗସ୍ତ ସମୟରେ ନରଣଗଡ଼ ପୂର୍ବତନ ସରପଞ୍ଚ ଦିବାକର ଭୋଇ, ଅବକାଶ ମହାନ୍ତି, ଦୁଃଖିଶ୍ୟାମ ଯୁଜାରସିଂ, କାଳୁ ବଳିଆରସିଂ, ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ରଜମୋହନପୁର, ନରଣଗଡ, ଧଉଳିମୁହାଁ, ଓରବରସିଂ, ଗଡ଼ସାନପୁଟ, ତିରିମଲ୍ଲ ଆଦି ଅଞ୍ଚଳର ଚାଷୀ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ସ୍ଥିତି ଅନୁଧ୍ୟାନ କଲେ ବିଇଓ

କୃଷ୍ଣପ୍ରସାଦ,୫ା୧(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ନୂତନ ଭାବେ ଯୋଗଦେଇଥିବା ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା ଗୁରୁବାର ମାଲୁଦ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଉକ୍ତ ବିଦ୍ୟାଳୟରେ ପହଞ୍ଚିବା ପରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ଜେନାଙ୍କ ସହିତ ଶିକ୍ଷା ଅଧିକାରୀ ଆଲୋଚନା ବେଳେ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଶିକ୍ଷା ଅଧିକାରୀ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲୁଦ ସିଆରସିସି ରମାକାନ୍ତ ଜେନା, କାଣ୍ଟେଶ୍ୱର ସିଆରସିସି ସୁକାନ୍ତ କୁମାର ଜେନା, ଗୋପାଳପୁର ସିଆରସିସି ସତ୍ୟବାଦୀ ବିଶ୍ୱାଳ, ଶିକ୍ଷୟିତ୍ରୀ ଶାନ୍ତିଲତା ଜେନା, ଅର୍ଜୁନ ଦାସ, ଗଣେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ବାଲୁଗାଁ ମହାବିଦ୍ୟାଳୟରେ ଗୁରୁବାର ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ୍ ଦିଆଯାଉଛି।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବାଲୁଗାଁ/ବୋଲଗଡ଼,୫ା୧(ଡି.ଏନ୍.ଏ.)

ବାଲୁଗାଁ ମହାବିଦ୍ୟାଳୟରେ ଗୁରୁବାର ବାଳିକା ଆତ୍ମରକ୍ଷା କୌଶଳ ତାଲିମ୍ କାର୍ଯ୍ୟକ୍ରମ ଅଧକ୍ଷା ବିନତୀ ମଞ୍ଜରୀ ରାଉତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜିକା ଅଧାପିକା ଡ.ମୋନାଲିସା ମାନସିଂହଙ୍କ ନେତୃତ୍ୱରେ ଯୁକ୍ତ ଦୁଇ ଶ୍ରେଣୀର ୧୮୫ଜଣ ଛାତ୍ରୀ ଯୋଗଦେଇଛନ୍ତି। ଯୁକ୍ତ ଦୁଇ ଅଧକ୍ଷା ଡ.କଳ୍ପନା ଦାଶ, ବରିଷ୍ଠ ପ୍ରାଧାପିକା ଡ.ଜୟନ୍ତୀ ସାମଲ, ଅଧାପିକା ରୀନା ରାଉତ, ଅଧାପିକା କ୍ରିଷ୍ଣା ସେଠୀ ପ୍ରମୁଖ ଯୋଗଦେଇଥିଲେ। ତାଲିମ୍ କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରଶିକ୍ଷକ ଭାବେ ସୁଶ୍ରୀ ଜ୍ୟୋତି ବିଶ୍ୱାସ, ନିଲମ ସାହୁ ଓ ଲିପିକା ସାହୁ ତାଲିମ୍ ପ୍ରଦାନ କରିବେ। ସେହିପରି ବୋଲଗଡ଼ ସ୍ଥିତ ପରମାନନ୍ଦ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ରଶ୍ମିରାଣୀ ସୁବୁଦ୍ଧି ଏବଂ ଜି. ବବିନାଙ୍କ ସଂଯୋଜନାରେ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଅଧକ୍ଷ ପ୍ରଫେସର ହେମନ୍ତ ମହାପାତ୍ର ଉଦ୍‌ଘାଟନ କରିଥିଲେ। ପ୍ରାଧାପକ ଜୟନ୍ତ ବିଶ୍ୱାଳ ଓ କର୍ମୋଦୟ ଛୋଟରାୟ ବାଳିକାଙ୍କ ସୁରକ୍ଷା ପାଇଁ ଆତ୍ମରକ୍ଷା କୌଶଳର ଉପକାରିତା ସମ୍ପର୍କରେ କହିଥିଲେ। ୧୮୪ ଜଣ ଏକାଦଶ ଶ୍ରେଣୀର ବାଳିକା ଶିକ୍ଷାର୍ଥୀ ଏହି ଶିବିରରେ ଯୋଗଦେଇଥିଲେ। ପ୍ରଶିକ୍ଷିକା ମିତା ସ୍ୱାଇଁ ଓ ସଙ୍ଗୀତା ଜେନା ବାଳିକାଙ୍କୁ ନିଜର ସୁରକ୍ଷା ପାଇଁ ବିଭିନ୍ନ ଆତ୍ମରକ୍ଷା କୌଶଳ ଶିଖାଇଥିଲେ। ଅଧାପିକା ଜି. ବବିନା ଧନ୍ୟବାଦ ଦେଇଥିଲେ।

## ଜିଲାସ୍ତରୀୟ ପୋଷଣ ମାସ ସମାରୋହ


ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ବୁଲି ଦେଖୁଛନ୍ତି।

ଖୋର୍ଦ୍ଧା ଅଫିସ,୫ା୧

ଖୋର୍ଦ୍ଧା ଜିଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ୫ମ ରାଷ୍ଟ୍ରୀୟ ପୋଷଣ ମାସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର ପୋଷଣ ମାସ ପାଳନର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଉପସ୍ଥିତ କ୍ଷେତ୍ର ଅଧିକାରୀଙ୍କୁ ସମ୍ବୋଧିତ କରି ଜିଲାପାଳ କହିଥିଲେ, ଖୋର୍ଦ୍ଧା ଜିଲାକୁ କିପରି କୁପୋଷଣମୁକ୍ତ କରାଯାଇପାରିବ, ସେନେଇ ଯତ୍ନବାନ୍ ହେବାକୁ ପରାମର୍ଶ ଦେବା ସହ ଏ ଦିଗରେ ବ୍ୟାପକ ସଚେତନ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇଥିଲେ। ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ମା'ମାନଙ୍କର ପ୍ରମୁଖ ଭୂମିକା ରହିଛି। ମହିଳାମାନଙ୍କୁ ନେଇ କୁପୋଷଣ ସଂକ୍ରାନ୍ତ ସଚେତନତା କର୍ମଶାଳା ଆୟୋଜନ ଲାଗି ଜିଲାପାଳ ପରାମର୍ଶ ଦେଇଥିଲେ। ଶିଶୁରୋଗ ବିଶେଷଜ୍ଞ ଡା. ହେମନ୍ତ କୁମାର ମିଶ୍ର କୁପୋଷଣର କାରଣ, ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ସ୍ମିତା ମହାନ୍ତି, ଜିଲା ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପିଲାଙ୍କ କୁପୋଷଣର ଦୂରୀକରଣ ସମ୍ପର୍କରେ କହିଥିଲେ। ଜିଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଦ୍ୱାରା ଏକ ଖାଦ୍ୟ ପ୍ରଦର୍ଶନୀ କରାଯାଇଥିଲା। ଜିଲାପାଳ ଓ ଅନ୍ୟ ଅତିଥିମାନେ ପ୍ରଦର୍ଶନୀ ବୁଲି ଖାଦ୍ୟର ଗୁଣବତ୍ତା ଓ ଏହାର ବ୍ୟବହାରିତା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ସୁସ୍ଥ ଶିଶୁଙ୍କ ମା'ଙ୍କୁ ପୁରସ୍କାର ସହ ଅମୃତଭଣ୍ଡା, ସଜନା ଓ ଲେମ୍ବୁ ଚାରା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଦିଆଯାଇଥିଲା। ଖୋର୍ଦ୍ଧା ଜିଲା ଯୋଜନା ଅଧିକାରୀ(ଆଇସିଡିଏସ୍) ଶିଖାରାଣୀ ପୋଦ୍ଦାର ଧନ୍ୟବାଦ ଦେଇଥିଲେ। ଜିଲା କାର୍ଯ୍ୟକ୍ରମ ସଂଯୋଜକ(ମମତା ଯୋଜନା) ସୁରଥ ଚନ୍ଦ୍ର ବିଶ୍ୱାଳ, ଜିଲା ଯୋଜନା ସହାୟକ ଲକି ପ୍ରସାଦ ବଳିୟାରସିଂ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଜିଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଉପସ୍ଥିତ ଥିଲେ।

# ମହିଳାଙ୍କ ପତ୍ତା ପାଉନି ପୋଲିସ

**ନିଖୋଜ ପରେ ଅପହରଣ ଅଭିଯୋଗ ଆଣିଲେ ସ୍ୱାମୀ**

ଖୋର୍ଦ୍ଧା ଅଫିସ,୫ା୧

ଶୌଚହେବାକୁ ଯାଇ ଜଣେ ମହିଳା ଆଉ ଘରକୁ ଫେରି ନ ଥିଲେ। ସ୍ୱାମୀ ଖୋଜାଖୋଜି କରିବା ପରେ ବାଘମାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପ୍ରଥମେ ନିଖୋଜ ପରେ ଅପହରଣ ଅଭିଯୋଗ କରିଥିଲେ ସ୍ୱାମୀ। ଏନେଇ ପୋଲିସ ଘଟଣାର ଅନୁସନ୍ଧାନ ଜାରି ରଖିଛି। ଅନ୍ୟପଟେ ମା'ଙ୍କୁ ଝୁରୁଛନ୍ତି ଦୁଇ କୁନି ପୁଅ। ମା'ଙ୍କୁ ଫେରାଇ ଆଣିବା ପାଇଁ ବାପାଙ୍କ ନିକଟରେ ଅଳି କରୁଛନ୍ତି। ଏଭଳି ଏକ କରୁଣ ଦୃଶ୍ୟ ଦେଖିବାକୁ ମିଳିଛି ବାଘମାରୀ ଥାନା ଅନ୍ତର୍ଗତ ଗଁପୁର ଗ୍ରାମରେ।

ସୂଚନା ମୁତାବକ, ଏହି ଗ୍ରାମର ସରୋଜ ସେଠୀ ୨୦୧୧ ମସିହାରେ ସବିତାଙ୍କୁ ବିବାହ କରିଥିଲେ। ତାଙ୍କ ୨ଟି ପୁଅ ଅଛନ୍ତି। ସରୋଜ ପୁରୀରେ ରହି ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ବେଳେ ସବିତା ପୁଅଙ୍କୁ ଧରି ଗ୍ରାମରେ ରହୁଥିଲେ। ଗତ ଡିସେମ୍ବର ୨୯ ସାଢେ ୫ଟାରେ ସବିତା ଶୌଚହେବାକୁ ଯାଇଥିଲେ। ତେବେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ଖବରପାଇ ସରୋଜ ପହଞ୍ଚି ଖୋଜାଖୋଜି କରିବା ପରେ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପରେ ଅପହରଣ ଅଭିଯୋଗ ଆଣିଥିଲେ। ଏନେଇ ସରୋଜ କୁହନ୍ତି, ସବିତାଙ୍କୁ କେହି ଅପହରଣ କରି ନେଇଥିବା ସନ୍ଦେହ ହେଉଛି। ତୁରନ୍ତ ତାଙ୍କୁ ଖୋଜି ବାହାର କରିବାକୁ ଥାନାକୁ ବାରମ୍ବାର ଦୌଡୁଛି। ଘଟଣାକୁ ସପ୍ତାହେ ବିତିଲାଣି। ମାତ୍ର ପୋଲିସ ଏକ ମାମଲା ରୁଜୁ କରି ନୀରବ ବସିଛି ବୋଲି ସେ କହିଛନ୍ତି। ଅନ୍ୟପଟେ ଘଟଣାର ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

# ବ୍ଲକ କାର୍ଯ୍ୟାଳୟ ପରିସରରେ ଖୋଲିବ ଅସ୍ଥାୟୀ ସିଭିଲ କୋର୍ଟ

କୃଷ୍ଣପ୍ରସାଦ,୫ା୧(ଡି.ଏନ୍.ଏ.)



ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଚିଲିକା ନୂଆପଡ଼ାରେ ସିଭିଲ କୋର୍ଟ ପାଇଁ ସ୍ଥାନ ନିରୂପଣ ହୋଇଛି। ତେବେ ଅସ୍ଥାୟୀଭାବେ କୋର୍ଟ ଚଳାଇବା ପାଇଁ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ଗୁରୁବାର ନୂଆପଡ଼ାସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗ ଡାକ ବଙ୍ଗଳା ଏବଂ ବ୍ଲକ ପରିସରରେ ଥିବା ଡାକ ବଙ୍ଗଳାକୁ ରେଜିଷ୍ଟ୍ରର ସିଭିଲ କୋର୍ଟ ପୁରୀ ନିଖିଳ ଭାରତ ମହାନ୍ତି, କୋର୍ଟ ମ୍ୟାନେଜର ପୁରୀ ମଳୟ ଗିରି, କୃଷ୍ଣପ୍ରସାଦ ବିଡିଓ ମନୋଜ କୁମାର ନାୟକଙ୍କ ନେତୃତ୍ୱରେ ବୁଲି ଦେଖିଥିଲେ। ଅସ୍ଥାୟୀ ଭାବେ କୋର୍ଟ ଚାଲିବା ପାଇଁ କୃଷ୍ଣପ୍ରସାଦ ବ୍ଲକ ପରିସରରେ ଥିବା ଡାକ ବଙ୍ଗଳାରେ ସମସ୍ତ ସୁବିଧା ରହିଥିବାରୁ ଏହି ସ୍ଥାନକୁ ପ୍ରଶାସନିକ ଅଧିକାରୀମାନେ ମନୋନୀତ କରିବା ସହ ଖୁବଶୀଘ୍ର କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତ ବେଳେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ମୁଖ୍ୟ କିରାଣୀ କୁବେର ଜେନା, କୃଷ୍ଣପ୍ରସାଦ ବାର୍ ଆସୋସିଏଶନ ସଭାପତି ପ୍ରସନ୍ନ କୁମାର ମାନସିଂହ, ସମ୍ପାଦକ ବିକ୍ରମ ବିହାରି ଜେନା, ସହସମ୍ପାଦକ ରଞ୍ଜନ ବେହେରା, ରମେଶ ଚନ୍ଦ୍ର ସାହୁ, ନିରଞ୍ଜନ ପ୍ରଧାନ, ନୂଆପଡ଼ା ସରପଞ୍ଚଙ୍କ ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ଜେନା, ନୂଆପଡ଼ା ଗ୍ରାମ୍ୟ କମିଟି ସଭାପତି ନଳିନୀ କାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପାଣ୍ଡିଆବିଲିରେ ହାତୀ, ଲୋକେ ଭୟଭୀତ

ଜଟଣୀ,୫ା୧(ଡି.ଏନ୍.ଏ.)



ଖୋର୍ଦ୍ଧା ଜିଲାରେ ହାତୀଙ୍କ ଉପଦ୍ରବ ଲାଗି ରହିଛି। ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ହାତୀ ହାବୁଡ଼ରେ ପଡି ଲୋକଙ୍କ କେତେବେଳେ ଜୀବନ ଗଲାଣି ତ କେତେବେଳେ ଆହତ ହେଉଛନ୍ତି। ହାତୀ-ମଣିଷ ଲଢ଼େଇରେ ହାତୀଙ୍କ ମଧ ମୃତ୍ୟୁ ଘଟୁଛି। ତେବେ ବୁଧବାର ରାତିରୁ ଜଟଣୀ ବ୍ଲକ ବେଣାପଞ୍ଜରୀ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡିଆବିଲି ଗ୍ରାମ ନିକଟ ଆଶ୍ରମ ଆମ୍ବତୋଟାରେ ଏକ ହାତୀ ବୁଲୁଥିବା ଦେଖିବାକୁ ମିଳିଛି। ଫଳରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଖବରପାଇ ଖୋର୍ଦ୍ଧା ବନବିଭାଗର ଏକ ଟିମ୍ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଛନ୍ତି। କୌଣସି କ୍ଷୟକ୍ଷତି ହୋଇ ନ ଥିବା ବେଳେ ଉକ୍ତ ହାତୀଟି ବାଟବଣା ହୋଇ ବରୁଣେଇ ଜଙ୍ଗଲରୁ ପଳାଇଆସିଥିବା ଅନୁମାନ କରାଯାଉଛି।

# ଥାନା ଆଗରେ ଧାରଣା

**୨ ମାସ ବିତିଲା, ନାବାଳିକାଙ୍କ ସନ୍ଧାନ ପାଉନି ପୋଲିସ**

ବୋଲଗଡ଼,୫ା୧(ଡି.ଏନ୍.ଏ.)

ରାଜ୍ୟରେ ବଢ଼ିଚାଲିଛି ନାବାଳିକାଙ୍କ ଅପହରଣ ଓ ନିଖୋଜ ମାମଲା। ବୋଲଗଡ଼ ଥାନା ଅନ୍ତର୍ଗତ ବାଙ୍କୋଇ ଫାଣ୍ଡି ଅଞ୍ଚଳର ଜଣେ ନାବାଳିକା ଗତ ଦୁଇ ମାସ ହେବ ନିଖୋଜ ଥିଲେ ମଧ ପୋଲିସ ସନ୍ଧାନ ପାଇପାରି ନାହିଁ। ଅନ୍ୟପଟେ ଝିଅକୁ ତୁରନ୍ତ ଉଦ୍ଧାର ଦାବିରେ ବୋଲଗଡ଼ ଥାନା ଆଗରେ ଗୁରୁବାର ମା'ବାପା ଧାରଣା ଦେଇଥିଲେ।

ସୂଚନା ମୁତାବକ, ନାବାଳିକା ଜଣକ ଗତ ନଭେମ୍ବର ୨ରେ ରାଜସୁନାଖଳା କଲେଜକୁ ଯାଇଥିଲେ ମଧ ଘରକୁ ଫେରିନଥିଲେ। ପରିବାର ଲୋକେ ଖୋଜାଖୋଜି କରି ନିରାଶ ହେବା ପରେ ୩ ତାରିଖରେ ବାଙ୍କୋଇ ଫାଣ୍ଡି ଓ ବୋଲଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ତେବେ ଅଭିଯୋଗକୁ ଦୁଇ ମାସ ବିତି ଯାଇଥିଲେ ବି ନାବାଳିକାଙ୍କ ସନ୍ଧାନ ପାଇପାରି ନାହିଁ ପୋଲିସ। ଏଥିସହ ନାବାଳିକାଙ୍କ ମା'ବାପା ଏସ୍‌ପି, ମହିଳା କମିଶନ, ଶିଶୁ ସୁରକ୍ଷା ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ ବି ସୁଫଳ ମିଳିଲା ନାହିଁ। ଫଳରେ ଗୁରୁବାର ନାବାଳିକାଙ୍କ ମା'ବାପା ବୋଲଗଡ ଥାନା ଆଗରେ ଧାରଣା ଦେଇଥିଲେ। ଆଇଆଇସି ରଶ୍ମିରଞ୍ଜନ ସାହୁ ପହଞ୍ଚି ଖୁବଶୀଘ୍ର ନାବାଳିକାଙ୍କ ସନ୍ଧାନ ମିଳିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ହଟିଥିଲେ।

# ନାଇଜର ବୁଲିଲେ, ବିଜ୍ଞାନାଗାର ଦେଖିଲେ ଛାତ୍ରୀଛାତ୍ର

**ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ଦ୍ୱିତୀୟ ଦିବସ**
- କୁଇଜ, ସେମିନାରରେ ମତ ରଖିଲେ ଛାତ୍ରୀଛାତ୍ର
- ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

ଖୋର୍ଦ୍ଧା ଅଫିସ,୫ା୧



ରାଜ୍ୟ ଶିକ୍ଷକ ନିର୍ଦ୍ଦେଶାଳୟ ଓ ଶିକ୍ଷା ଗବେଷଣା ପ୍ରଶିକ୍ଷଣ ପରିଷଦ(ଟିଇ ଆଣ୍ଡ ଏସ୍‌ସିଇଆର୍‌ଟି) ଏବଂ ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ହାଇସ୍କୁଲରେ ଚାଲିଥିବା ୪୯ତମ ରାଜ୍ୟସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀର ଦ୍ୱିତୀୟ ଦିବସ ଗୁରୁବାର କୁନି ବୈଜ୍ଞାନିକମାନେ ଜାତୀୟ ବିଜ୍ଞାନ ଶିକ୍ଷା ଓ ଅନୁସନ୍ଧାନ ସଂସ୍ଥାନ (ନାଇଜର) ପରିଦର୍ଶନ କରିଥିଲେ। ବିଭାଗୀୟ ପ୍ରଫେସରମାନଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଜ୍ଞାନାଗାର ବୁଲି ଦେଖିଥିଲେ। ପ୍ରେକ୍ଷାଳୟ ଗୃହରେ ନାଇଜରର ଲକ୍ଷ୍ୟ, ଉଦ୍ଦେଶ୍ୟ ସହିତ ଏଠାରେ ଉପଲବ୍ଧ ପାଠ୍ୟକ୍ରମ, ଚାଲିଥିବା ଗବେଷଣା ଉପରେ ପିଲାଙ୍କୁ ବୁଝାଇଥିଲେ।

ଅପରାହ୍ନରେ ଏକ ବିଜ୍ଞାନ ଆଲୋଚନାଚକ୍ର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କ୍ୟାପିଟାଲ ହାଇସ୍କୁଲ ଭୁବନେଶ୍ୱରର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସେମିନାରରେ ଅଧାପକ ଦିଲୀପ କୁମାର ବେହେରା, ନାଇଜରର ସହଯୋଗୀ ପ୍ରାଧାପକ ଅନୀୟ କୁମାର ସାମନ୍ତରାୟ, ଭୁବନେଶ୍ୱର ଆଇଆଇଟି ପ୍ରଫେସର ସୌମ୍ୟଜିତ୍ ରଥ, କ୍ରିପ୍‌ଟନ୍ ବିଜ୍ଞାନ ମହାବିଦ୍ୟାଳୟ ଅଧାପକ ଦେବାଶିଷ ବେହେରା ପ୍ରମୁଖ 'ସାଇଣ୍ଟିଫିକ୍ ଇନୋଭେଶନ ଫର୍ ସଷ୍ଟେନେବୁଲ ଫ୍ୟୁଚର' ଉପରେ ବିଜ୍ଞାନ କଥନ ଆୟୋଜିତ ହୋଇଥିଲା । ଭୁବନେଶ୍ୱର ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଜ୍ଞା ପରମିତା ଜେନା ଧନ୍ୟବାଦ ଦେଇଥିଲେ। ପରେ ଆୟୋଜିତ ବିଜ୍ଞାନ କୁଇଜ୍ କାର୍ଯ୍ୟକ୍ରମରେ ବେଗୁନିଆ ମଣ୍ଡଳ ଶିକ୍ଷା ଅଧିକାରୀ ଭାସ୍କର ଚନ୍ଦ୍ର ଲେଙ୍କା ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ଦିବ୍ୟସିଂହ ସୁବୁଦ୍ଧି, ନବକିଶୋର ମହାପାତ୍ର , ପ୍ରଧାନ ଶିକ୍ଷକ ପ୍ରଦୀପ ପ୍ରଧାନ ଓ ଶିକ୍ଷୟିତ୍ରୀ ଡେଜିନା ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ତୋଫାନ ରାଉତରାୟ, ଅଜୟ ବରାଡ଼, ଶରତ ରାଉତ, ବିଚିତ୍ରାନନ୍ଦ ମହାନ୍ତି, ବିଭୁପ୍ରସାଦ ସେନାପତି, ନିରଞ୍ଜନ ସାହୁ ପ୍ରମୁଖ ସହାୟତା କରିଥିଲେ। ଡ. ଶୁଭମ୍ ଆଚାର୍ଯ୍ୟ, ଦୀପ୍ତିପ୍ରିୟା ସେଠୀ, ଚିନ୍ମୟୀ ଆଚାର୍ଯ୍ୟ, ଡ. ମଳୟ ସାହୁ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପ ମୂଲ୍ୟାଙ୍କନ କାର୍ଯ୍ୟ ପରିଚାଳନା କରିଥିଲେ। ସନ୍ଧ୍ୟାରେ ବୋଲଗଡ଼ ମଣ୍ଡଳ ଶିକ୍ଷା ଅଧିକାରୀ ନିରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୬ଟି ଦଳଗତ ନୃତ୍ୟ ପରିବେଷିତ ହୋଇଥିଲା । ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରସନ୍ନ କୁମାର ମହାପାତ୍ର, ଅଗାଧୁ ସେଠୀ, ଅମ୍ବିକା ପ୍ରସାଦ ପଟ୍ଟନାୟକ, ସୁଧାକର ମହାପାତ୍ର, ମୃତ୍ୟୁଞ୍ଜୟ ମହାପାତ୍ର, ପ୍ରହଲ୍ଲାଦ ବାରିକ, ଶିବ ପ୍ରସାଦ ମହାପାତ୍ର, ପ୍ରଦ୍ୟୁମ୍ନ ମିଶ୍ର, ଅଞ୍ଜନ କୁମାର ରାୟ, ଅର୍ଚ୍ଚନା ମହାନ୍ତି, ସୁରେଶ ଚନ୍ଦ୍ର ବିଶ୍ୱାଳ, ଅମିୟ ପରିଡ଼ା, ରମେଶ ଚନ୍ଦ୍ର ପ୍ରଧାନ ଓ ରଞ୍ଜନ ଦାସ ପ୍ରମୁଖ ସହାୟତା କରିଥିଲେ। ବିଜେବି ହାଇସ୍କୁଲର ପ୍ରଧାନ ଶିକ୍ଷକ ସେକ୍ ଗହୋର ଅଲ୍ଲୀ ଓ ବିଜ୍ଞାନ ସୁପରଭାଇଜର ସରୋଜ କୁମାର ସିଂହ ପ୍ରମୁଖ ଏହାର ପରିଚାଳନା କରିଥିଲେ।

### ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ

ଖୁଣ୍ଟୁଣୀ,(ଡି.ଏନ୍.ଏ.): ଖୁଣ୍ଟୁଣୀଠାରୁ ଏକ ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ କରାଯାଇଛି। ଟ୍ରକ୍‌ଟି ଚୋରା କୋଇଲା ନେଇ ଆସୁଥିଲା। ଖବରପାଇ ଜଗତପୁରସ୍ଥିତ ଖଣି ଉପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ ଓ ତାଙ୍କ ସହଯୋଗୀ ଖୁଣ୍ଟୁଣୀ ପୋଲିସ ସହାୟତାରେ ଉକ୍ତ ଟ୍ରକ୍‌କୁ ଜବତ କରିଥିଲେ। ଟ୍ରକର ଚାଳକ ଫେରାର ହୋଇଯାଇଛନ୍ତି। ଜବତ ଟ୍ରକକୁ ଖଣି କାର୍ଯ୍ୟାଳୟକୁ ନିଆଯାଇଛି। ତେବେ ଏହି ଟ୍ରକ୍ କେଉଁଠୁ ଆସୁଥିଲା ତାହା ତଦନ୍ତ ପରେ ଜଣାପଡିବ ବୋଲି ସାହୁ କହିଛନ୍ତି।

## ସଂକ୍ଷେପରେ

### ୧୦ ଦଫା ଦାବି ନେଇ ଓଡ଼ିଶା କୃଷକ ସଭା ପକ୍ଷରୁ ବିକ୍ଷୋଭ

**ମଙ୍ଗୁଳି-ଜଗତପୁର,୫।୧(ଡି.ଏନ.ଏ.):** ତୁରନ୍ତ ଧାନମଣ୍ଡି ଖୋଲିବା, କଟ୍‌ନୀଛଟ୍‌ନୀ ବନ୍ଦ କରିବା ଭଳି ୧୦ ଦଫା ଦାବି ନେଇ ଓଡ଼ିଶା କୃଷକ ସଭା ପକ୍ଷରୁ ଗୁରୁବାର ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଭଟିମୁଣ୍ଡା ସେବା ସମବାୟ ସମିତି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଓଡ଼ିଶା କୃଷକ ସଭାର ଜିଲା ସମ୍ପାଦକ ଡମ୍ବରୁଧର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସ୍ଥାନୀୟ ବିଡିଓଙ୍କ ଉଦ୍ଦେଶ୍ୟରେ ସମବାୟ ସମ୍ପ୍ରସାରଣ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କଟକ ଜିଲା ଉପସଭାପତି ବଦ୍ରି ନାରାୟଣ ଦାସ, ମଳୟ କୁମାର ପୃଷ୍ଟି, ରମେଶ ଚନ୍ଦ୍ର ବେହେରା, ମହେନ୍ଦ୍ର କୁମାର ବେହେରାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଓ ଭାଗଚାଷୀ ବିକ୍ଷୋଭରେ ସାମିଲ ହୋଇଥିଲେ।

### ୮ରେ ଚଳଚ୍ଚିତ୍ର ଜଗତର ବାର୍ଷିକ ଉତ୍ସବ

**କଟକ ଅଫିସ, ୫।୧:** ଚଳଚ୍ଚିତ୍ର ପତ୍ରିକା 'ଚଳଚ୍ଚିତ୍ର ଜଗତ'ର ୪୭ତମ ବାର୍ଷିକ ଉତ୍ସବ ପୁରୀସ୍ଥିତ ଟାଉନ ହଲ୍‌ରେ ଆସନ୍ତା ୮ ତାରିଖରେ ଅନୁଷ୍ଠିତ ହେବ। ଉକ୍ତ ଉତ୍ସବରେ ୨୦୨୨ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କଳାକାରଙ୍କୁ ଚଳଚ୍ଚିତ୍ର ଜଗତ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ସେଥିମଧ୍ୟରେ କ୍ୟାମେରାମ୍ୟାନ ଶ୍ରୀନିବାସ ମହାପାତ୍ରଙ୍କୁ ନିତାଇ ପାଲିତ ସମ୍ମାନ, ଅଭିନେତା, ନିର୍ଦ୍ଦେଶକ ନବକିଶୋର ଆଚାର୍ଯ୍ୟଙ୍କୁ ଭୀମ ସିଂ ସମ୍ମାନ ଓ ଆଲୋକ କୁମାର ମହାପାତ୍ରଙ୍କୁ ସତ୍ୟ ନାରାୟଣ ଅଗ୍ରୱାଲ ସମ୍ମାନ ପ୍ରଦାନ କରାଯିବ। ଏତଦ୍‌ବ୍ୟତୀତ ଆଶୁତୋଷ ମହାପାତ୍ର ସ୍ମାରକୀ ପ୍ରେକ୍ଷାଳୟ ସମ୍ମାନ ବରହମପୁର 'ଶକ୍ତି ସିନେମା'କୁ ପ୍ରଦାନ କରାଯିବା ସହ ୨୦୨୨ ମସିହାରେ ଶ୍ରେଷ୍ଠ ବିବେଚିତ କୃତୀ ପ୍ରତିଭାଙ୍କୁ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ଆଦିକନ୍ଦ ରାଉତ ଗୁରୁବାର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

### ଅଯୋଗ୍ୟ ବ୍ୟକ୍ତିଙ୍କୁ ଶ୍ରମିକ ତାଲିକାରୁ ବାଦ୍ ଦିଅ

**କଟକ ସଦର,୫।୧(ଡି.ଏନ୍.ଏ.):** ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଅନ୍ତର୍ଭୁକ୍ତ ଶ୍ରମିକ ତାଲିକାରୁ ଅଯୋଗ୍ୟ ବ୍ୟକ୍ତିଙ୍କୁ ବାଦ୍ ଦେବା ପାଇଁ ଜିଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ(ସିଇଓ) ଅମ୍ବର କୁମାର କର ନିର୍ଦ୍ଦେଶ ଦେଇଛନ୍ତି। କାରଣ କଟକ ସଦର ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ପେନ୍‌ସନ୍‌ଭୋଗୀ, ଆୟକରଦାତା, ଲୋକପ୍ରତିନିଧି, ଅଫିସରଙ୍କ ସ୍ତ୍ରୀଙ୍କ ନାମ ଶ୍ରମିକ ତାଲିକାରେ ଥିବା ଅଭିଯୋଗ ହୋଇଥିଲା। ଗୁରୁବାର କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣା ପଞ୍ଚାୟତର ଏକ ନୟନଯୋରିକୁ ଖେଳପଡିଆରେ ରୂପାନ୍ତରୀକରଣ କାର୍ଯ୍ୟ ତଦାରଖ ପାଇଁ କର ଆସିଥିଲେ। କଳାହାଣ୍ଡି, କୋରାପୁଟ ଓ ମାଲକାନଗିରି ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରିବା ପାଇଁ ଶ୍ରମିକ ମିଳୁ ନ ଥିବାବେଳେ କଟକ ସଦର ବ୍ଲକ ଅଞ୍ଚଳରେ ଏତେ ସଂଖ୍ୟକ ଶ୍ରମିକ କୁଆଡୁ ଆସିଲେ ବୋଲି ବିଡିଓ ରାଜୀବଲୋଚନ ପରିଡାଙ୍କୁ କର ପ୍ରଶ୍ନ କରିଥିଲେ। ହେଲେ ସେ କିଛି ଉତ୍ତର ଦେଇ ପାରି ନ ଥିଲେ। ଉକ୍ତ ଯୋଜନାରେ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଖେଳପଡିଆ ନିର୍ମାଣ ଚାଲିଛି। ବିଡିଓଙ୍କ ବ୍ୟତୀତ ସହକାରୀ ଯନ୍ତ୍ରୀ ବିକାଶ ଭୂୟାଁ ଓ ବ୍ଲକସ୍ତରୀୟ ଅଧିକାରୀମାନେ ତଦାରଖବେଳେ ଉପସ୍ଥିତ ଥିଲେ। ଜଳସେଚନ ବିଭାଗର ବିନା ଅନୁମତିରେ ଖେଳପଡିଆ ପାଇଁ ଧରିଣା ମାଇନର କେନାଲ ପାର୍ଶ୍ୱରେ ମାଟି ଖୋଳାଯାଉଛି। ଏହି ଖବର ଜାଣିବା ପରେ ମହାନଦୀ ସାଉଥ୍ ଜଳସେଚନ ଡିଭିଜନ କାର୍ଯ୍ୟାଳୟ ପକ୍ଷରୁ କାମ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କାରଣ ବନ୍ଧ ଦୁର୍ବଳ ହେଉଛି।

# ହକି ଉଦ୍‌ଘାଟନୀ ଉତ୍ସବରେ ସାମିଲ ହେବେ ସହରବାସୀ

**କଟକ ଅଫିସ, ୫।୧**

ଆସନ୍ତା ୧୧ରେ କଟକ ବାରବାଟୀ ଷ୍ଟାଡିୟମରେ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଏହାକୁ ଅଧିକ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ସହରବାସୀଙ୍କୁ ଏଥିରେ ସାମିଲ କରିବା ପାଇଁ ପ୍ରଶାସନ ପକ୍ଷରୁ ଯୋଜନା କରାଯାଇଛି। ଏହି ଉପଲକ୍ଷେ ଶୁକ୍ରବାରଠାରୁ ୫ ଦିନ ବ୍ୟାପୀ କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୫୯ଟି ୱାର୍ଡରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ୱାର୍ଡ ଅଫିସରଙ୍କ ଜରିଆରେ ଏହି କାର୍ଯ୍ୟକ୍ରମ କରାଯିବ। ଏହି ମେଗା କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ସହରବାସୀଙ୍କୁ ନିମନ୍ତ୍ରଣ କରାଯିବ। ଶୁକ୍ରବାରଠାରୁ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯିବ ବୋଲି କଟକ ସହିଦ ଭବନଠାରେ ଅନୁଷ୍ଠିତ ସଭାରେ ନିଷ୍ପତ୍ତି ନିଆଯାଇଛି। ସିଏମ୍‌ସି ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମସ୍ତ ୱାର୍ଡର କର୍ପୋରେଟର, ପ୍ରତି ୱାର୍ଡରୁ ସ୍ପୋର୍ଟସ କ୍ଲବର ସଦସ୍ୟଙ୍କ ସମେତ କ୍ରୀଡାପ୍ରେମୀ ଉପସ୍ଥିତ ଥିଲେ। ଲୋକମାନେ ଏଲ୍‌ଇଡି ଟିଭି ମାଧ୍ୟମରେ ଉଦ୍‌ଘାଟନୀ ଉତ୍ସବ ଦେଖିବା ପାଇଁ ପ୍ରତିୱାର୍ଡରେ ସର୍ବନିମ୍ନ ଗୋଟିଏ ଭିୟୁର୍ସ ପାର୍କ ସୃଷ୍ଟି କରାଯିବ। ଏହା ସହିତ ସହରର ଆଉ ୧୫ଟି ଫ୍ୟାନ୍ସ ପାର୍କରେ ଏଲ୍‌ଇଡି ବ୍ୟବସ୍ଥା କରାଯିବ। ଗୋଟିଏ ଫ୍ୟାନ୍ସ ପାର୍କରେ ସର୍ବନିମ୍ନ ୨,୦୦୦ ଲୋକ ବସିଲା ଭଳି ବ୍ୟବସ୍ଥା କରାଯାଇଛି।

ଉଦ୍‌ଘାଟନୀ ଉତ୍ସବରେ ସହରବାସୀ ସାମିଲ ହୋଇ ନୂତନ ରେକର୍ଡ ସୃଷ୍ଟି କରିବେ ବୋଲି ମେୟର ସିଂ ଆଶାବାଦୀ ଅଛନ୍ତି। ଏହି ସଭାରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ଡେପୁଟି କମିଶନର ଅଜୟ ମହାନ୍ତି, ଶ୍ୱେତପଦ୍ମା ଡି. ଶତପଥୀ, ଜିଲା କ୍ରୀଡା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟଙ୍କ ସମେତ ସମସ୍ତ ୱାର୍ଡର କର୍ପୋରେଟର ଉପସ୍ଥିତ ଥିଲେ। ଡେପୁଟି ମେୟର ଦମୟନ୍ତୀ ମାଝି ଧନ୍ୟବାଦ ଦେଇଥିଲେ।



ବୈଠକରେ ସିଏମ୍‌ସି ଅଧିକାରୀମାନଙ୍କ ସହ ବିଭିନ୍ନ ୱାର୍ଡର କର୍ପୋରେଟର।

■ ୬ରୁ ପ୍ରତି ୱାର୍ଡରେ କ୍ରୀଡ଼ା ପ୍ରତିଯୋଗିତା
■ ଆଜିଠୁ ନିମନ୍ତ୍ରଣପତ୍ର ବଣ୍ଟନ

### ମଧୁବାବୁଙ୍କ ସମାଧି ପୀଠକୁ ଯିବ ଟ୍ରଫି ଶୋଭାଯାତ୍ରା

ଉଦ୍‌ଘାଟନୀ ଉତ୍ସବ ଦିନ ଟ୍ରଫିକୁ ଶୋଭାଯାତ୍ରାରେ ସହରର ବିଭିନ୍ନ ସ୍ଥାନ ପରିକ୍ରମା କରାଯିବ। ତେବେ କଟକ ଗୋରାକବରସ୍ଥିତ ମଧୁବାବୁଙ୍କ ସମାଧିପୀଠ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମସ୍ଥାନ ଆନନ୍ଦ ଭବନ ଏଥିରୁ ବାଦ୍ ପଡିବାରୁ ମଧୁସ୍ମୃତି ସୁରକ୍ଷା ମଞ୍ଚ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହି ଟ୍ରଫି ଶୋଭାଯାତ୍ରା ତାଲିକାରେ ଉକ୍ତ ଦୁଇ ସ୍ଥାନକୁ ସାମିଲ କରିବା ପାଇଁ ମଞ୍ଚ ପକ୍ଷରୁ ଗୁରୁବାର ମେୟରଙ୍କ ସହ ଆଲୋଚନା କରାଯାଇ ଏକସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଟ୍ରଫି ଶୋଭାଯାତ୍ରା ମଧୁବାବୁଙ୍କ ସମାଧିପୀଠରେ ଅଟକି ସମ୍ବର୍ଦ୍ଧନା ଗ୍ରହଣ କରିବ ବୋଲି ମେୟର ସିଂ ପ୍ରତିଶ୍ରୁତି ଦେଇଥିଲେ। ଏହି ସ୍ମାରକପତ୍ର ପ୍ରଦାନବେଳେ ମଞ୍ଚ ପକ୍ଷରୁ ସନ୍ତୋଷ ମହାରଣା, ଆକାଶ ପଟ୍ଟନାୟକ, କବୀନ୍ଦ୍ର ବେହେରା, ବସ୍ତିନେତା ବୃନ୍ଦାବନ ଦାସ ଆଜାଦ୍, ସତ୍ୟଜିତ୍ ଗୋସ୍ୱାମୀ, ରାକେଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ନିର୍ଦ୍ଦିଷ୍ଟ ୱାର୍ଡକୁ ଅଣଦେଖା

ବାରବାଟୀ ଷ୍ଟାଡିୟମଠାରୁ ନେତାଜୀ ସଂଗ୍ରହାଳୟ, କଦମ-ଇ-ରସୁଲଠାରୁ ବେଲ୍‌ଭ୍ୟୁ ଛକ ପର୍ଯ୍ୟନ୍ତ ହକି ବିଶ୍ୱକପ୍ ଟ୍ରଫିକୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଯିବ। ହେଲେ ସହରର କିଛି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଓ କେତେକ ୱାର୍ଡକୁ ଏଥିରୁ ବାଦ୍ ଦିଆଯାଇଛି। ବିଶେଷକରି ବାଦାମବାଡି ଛକ, ଲିଙ୍କ୍‌ରୋଡ, ଓଏମ୍‌ପି, ଖାନ୍‌ନଗର, ନୂଆପଡା, ଗୋଶାଳା, ଜଗତ୍‌ପୁର, ନୂଆବଜାର, ପୋଚାପୋଖରୀ ଆଦି ସ୍ଥାନ ଟ୍ରଫି ଟୁର ତାଲିକାରୁ ବାଦ୍ ପଡିଛି। ସହରରେ ଅନେକ ସ୍ଥାନରେ ଟ୍ରଫି ଶୋଭାଯାତ୍ରାରେ ଯିବାକୁ ଥିବାବେଳେ ସିଏମ୍‌ସିର ୪୫, ୪୬, ୪୯, ୫୦, ୫୧ ଆଦି ୱାର୍ଡ କାହିଁକି ବାଦ୍ ପଡିଲା ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ ଉଠାଇଛନ୍ତି। ଏନେଇ ମେୟର କହିଛନ୍ତି, ଆମ ହାତରେ ୪ ଘଣ୍ଟା ସମୟ ରହିଛି। ସେହି ସମୟ ମଧ୍ୟରେ ଟ୍ରଫି ଶୋଭାଯାତ୍ରା ଯେତିକି ୱାର୍ଡରେ ସମ୍ଭବ ସେନେଇ ରୁଟ୍ ଚାର୍ଟ ପ୍ରସ୍ତୁତ କରାଯାଇଛି।

### ୮ ଶିକ୍ଷାନୁଷ୍ଠାନରେ ଟିକେଟ ବିକ୍ରି ଆରମ୍ଭ

**କଟକ ଅଫିସ, ୫।୧**

ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ପାଇଁ ଗତ ଡିସେମ୍ବର ୨୮ରୁ ଅନ୍‌ଲାଇନ୍‌ରେ ଟିକେଟ ବିକ୍ରି ଆରମ୍ଭ ହୋଇଛି। ସେହିପରି ଅଫ୍‌ଲାଇନ୍‌ରେ ଟିକେଟ ବିକ୍ରି ୮ଟି ଶିକ୍ଷାନୁଷ୍ଠାନକୁ ଚୟନ କରାଯାଇଛି। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, ଜେକେବିକେ ମହାବିଦ୍ୟାଳୟ, ଖ୍ରୀଷ୍ଟ ମହାବିଦ୍ୟାଳୟ, ଷ୍ଟିୱାର୍ଟ ସାଇନ୍ସ କଲେଜ, ଇନ୍ଦିରା ଗାନ୍ଧି ମହିଳା ମହାବିଦ୍ୟାଳୟ ଓ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ଅଫ୍‌ଲାଇନ୍‌ରେ ଟିକେଟ ବିକ୍ରି କରାଯାଉଛି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ ଲୋକମାନେ ଟିକେଟ୍ କିଣିପାରିବେ। ସେହିପରି ଅରୁଣଦୋୟ ମାର୍କେଟ କମ୍ପ୍ଲେକ୍ସ, ଚୌଧୁରୀବଜାର ନିକଟ ବିଗ୍‌ବଜାର ମଲ, ସେକ୍ଟର-୬ରେ ଥିବା ସିଡିଏ ମାର୍କେଟ କମ୍ପ୍ଲେକ୍ସ ଓ ନୂଆବଜାରରେ ଥିବା ସଦର ବ୍ଲକ କାର୍ଯ୍ୟାଳୟରେ ରିଡେମ୍ପସନ୍ ସେଣ୍ଟର ଖୋଲାଯାଇଛି। ଅନ୍‌ଲାଇନରେ ଟିକେଟ କିଣିଥିବା ବ୍ୟକ୍ତି ଏହି ସେଣ୍ଟରଗୁଡିକରେ ସେମାନଙ୍କ ମେସେଜ ଦେଖାଇ ଟିକେଟ ସହ ହକି ସମ୍ବନ୍ଧିତ ଏକ ବ୍ୟାଣ୍ଡ୍ ନେଇପାରିବେ। ବୁଧବାରଠାରୁ ଖୋଲାଯାଇଥିବା ଏହି ରିଡେମ୍ପସନ୍ ସେଣ୍ଟର ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପୂର୍ବାହ୍ନ ୧୧ଟାରୁ ରାତି ୭ଟା ପର୍ଯ୍ୟନ୍ତ ଏହା ଖୋଲାରହିବ ବୋଲି ସିଏମ୍‌ସି ପକ୍ଷରୁ କୁହାଯାଇଛି।

# 'ଲୋକଙ୍କ ନିକଟରେ ଯୋଜନାର ସୁଫଳ ପହଞ୍ଚାଅ'




ବୈଠକରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବକ୍ତବ୍ୟ ଦେଉଛନ୍ତି।

**କଟକ ଅଫିସ, ୫।୧**

**ନଗର ଭାଜପା ବାରବାଟୀ, ମହାନଦୀ ମଣ୍ଡଳ ସାଙ୍ଗଠନିକ ବୈଠକ**

କଟକ ନଗର ଭାଜପା ବାରବାଟୀ ମଣ୍ଡଳ ଓ ମହାନଦୀ ମଣ୍ଡଳର ସାଙ୍ଗଠନିକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଛକସ୍ଥିତ ଦୁର୍ଗାପୂଜା ହଲ୍‌ରେ ଅନୁଷ୍ଠିତ ବାରବାଟୀ ମଣ୍ଡଳ ବୈଠକରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ କହିଥିଲେ, ସଶକ୍ତ ମଣ୍ଡଳ ସକ୍ରିୟ ବୁଥ କରିବା ପାଇଁ ପ୍ରଧାନମନ୍ତ୍ରୀ ପରିକଳ୍ପନା କରିଛନ୍ତି। ଦେଶର ସମ୍ପୂର୍ଣ୍ଣ ବିକାଶ ସମ୍ପର୍କିତ ଯୋଜନାଗୁଡିକର ବାର୍ତ୍ତା ଓ ସୁଫଳ ଘରେ ଘରେ ପହଞ୍ଚାଇବାକୁ ସେ ଆହ୍ୱାନ ଦେଇଥିଲେ। ଏଥିସହ ମଣ୍ଡଳର ବୁଥଗୁଡିକ ସ୍ଥିତି ସମୀକ୍ଷା କରିଥିଲେ। ଏଥିରେ ଦଳର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇଥିଲେ। କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାରବାଟୀ ମଣ୍ଡଳ ସଭାପତି ନମିତା ମିଶ୍ର ଯୋଗଦେଇଥିଲେ। ସେହିପରି ମଙ୍ଗଳାବାଗସ୍ଥିତ ଏକ ମଣ୍ଡପରେ ମହାନଦୀ ମଣ୍ଡଳର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାନଦୀ ମଣ୍ଡଳ ସଭାପତି ନିତାଇ ଗୌର ମହାନ୍ତି, ଦଳର ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ଶାରଦା ପ୍ରସାଦ ଶତପଥୀ, ସଜ୍ଜନ ଶର୍ମା, ବିନୋଦ ଦାଶ, ପବିତ୍ର ମୋହନ ଦାଶ, ଲକ୍ଷ୍ମୀଧର ପ୍ରଧାନ, ସିକନ୍ଦର ଅଲ୍ଲୀ, ରଶ୍ମିରେଖା ଦାସ, କର୍ପୋରେଟର ଗୋପାଳ ବେହେରା, ଦୀପକ ଦାସ ଓ ଲକ୍ଷ୍ମୀଧର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସୁଜାତା ମହାନ୍ତି, ନିତାଇ ଚରଣ ନନ୍ଦ, ବିଶ୍ୱରଞ୍ଜନ ମିଶ୍ର, ଭାଗୀରଥି ଦଳେଇ, ପ୍ରବୀଣା ମହାପାତ୍ର, ସ୍ୱର୍ଣ୍ଣଲତା ସେଠୀ, ମହମ୍ମଦ ସବୀର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସ୍ମାର୍ଟ ଓଡ଼ିଶା କର୍ମଶାଳା

**କଟକ ଅଫିସ, ୫।୧**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ସ୍ମାର୍ଟ ଓଡ଼ିଶା ଦିନିକିଆ କର୍ମଶାଳା ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ଶିକ୍ଷା ଅନୁଷ୍ଠାନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ରାଜ୍ୟ ସରକାରଙ୍କ ସ୍ମାର୍ଟ ଓଡ଼ିଶା ଗଠନ ପରିକଳ୍ପନାକୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟ କରିବା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ମୁଖ୍ୟ ଭୂମିକା ରହିଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଦୀପ୍ତିମୟୀ ଶୁଭଦର୍ଶିନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ରେଭେନ୍‌ଶା ଯୁକ୍ତ ୨ କଲେଜ ଅଧ୍ୟକ୍ଷ ଡ. ଆରତୀ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଜିଲାର ବିଭିନ୍ନ ଯୁକ୍ତ ୨ କଲେଜର ଅଧ୍ୟକ୍ଷ, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଏହି କର୍ମଶାଳାରେ ଯୋଗଦେଇ ସ୍ମାର୍ଟ ଓଡ଼ିଶା ଆଗାମୀ ଦିନର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ ରାଉତ, ସୋନାମିକା ରାୟ ଯୋଗ ଦେଇଥିଲେ। ବିଡାନାସୀ ହାଇସ୍କୁଲ ଶିକ୍ଷକ ସାଗରିକା ରାଉତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ଅକ୍ଷୟ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ।

### ଓଡ଼ିଶୀ ଯୁଗଳବନ୍ଦୀରେ ଦର୍ଶକ ବିଭୋର

**କଟକ ଅଫିସ, ୫।୧**

**କଟକ ମହୋତ୍ସବ**

ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ୧୪ତମ କଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଗୁରୁବାର କଳା ବିକାଶ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାକାରମାନେ ଓଡ଼ିଶୀ, ଉପ ଶାସ୍ତ୍ରୀୟ ଓ ଓଡ଼ିଶୀ ଯୁଗଳବନ୍ଦୀ ନୃତ୍ୟ ପରିବେଷଣ କରିଥିଲେ। ଚୌଦ୍ୱାରର ସୁଭ୍ରାଙ୍ଗିନୀ ମଲ୍ଲିକ ଓ ନିତ୍ୟଶ୍ରୀଙ୍କ ଓଡ଼ିଶୀ ଯୁଗଳବନ୍ଦୀ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ। ସେହିପରି କୋଲକାତାର ଅପରାଜିତା ମଜୁମଦାର ଓ ଚୌଦ୍ୱାରର ସୁଭ୍ରାଙ୍ଗିନୀ ମଲ୍ଲିକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ଭୁବନେଶ୍ୱରର ଆୟୁଷ୍ମାନ ନାୟକ ଉପ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରିଥିଲେ। ଏହି ସମାରୋହରେ ନାଲ୍‌କୋର ପୂର୍ବତନ ସିଏମ୍‌ଡି ଗଦାଧର ଉପାଧ୍ୟାୟ, କଟକ ଏସିପି ଅନିଲ ମିଶ୍ର ଓ ଆକାଶବାଣୀର ପୂର୍ବତନ ନିର୍ଦ୍ଦେଶକ ପ୍ରସେନଜିତ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ପ୍ରଭା ପଟ୍ଟନାୟକ, ଡ. ଦ୍ୱୀପାୟନ ପଟ୍ଟନାୟକ, ପ୍ରଫେସର ଡ. କଲିମୁଲ୍ଲା, ଅନୁଷ୍ଠାନର ସାଧାରଣ ସମ୍ପାଦକ ଶୀଳାଦିତ୍ୟ ରଥ ଓ କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ଅନୁରୂପା ରଥ ଉପସ୍ଥିତ ଥିଲେ।

# ଲଲାଟଙ୍କୁ ଗୁରୁ ଧୋବି ବେହେରା ସ୍ମୃତି ସମ୍ମାନ

**କଟକ ଅଫିସ, ୫।୧**

**ଗୁରୁ ଧୋବି ବେହେରା କଳା ସାହିତ୍ୟ ସଂସଦର ବାର୍ଷିକୋତ୍ସବ**

ଗୁରୁ ଧୋବି ବେହେରା କଳା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଓ ଗୁରୁପୂଜା ସମାରୋହ କଟକ ଶ୍ରୀରାମଚନ୍ଦ୍ର ଭବନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆଧ୍ୟାତ୍ମିକ ପ୍ରବକ୍ତା ଗୁରୁ ଅଭିରାମ ସରସ୍ୱତୀ ଉଦ୍‌ଘାଟନ କରିଥିଲେ। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି, ନୀଳଚକ୍ର ସହ ସମ୍ପାଦକ ଓ ପୃଷ୍ଠପୋଷକ ଡା. ନୀଳାଦ୍ରି ପଣ୍ଡା, ଉତ୍କଳ ସାହିତ୍ୟ ସମାଜ ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ପଣ୍ଡିତ ଅରୂପ ଲାଲ ଘୋଷ ଓ ସାମାଜିକ କର୍ମୀ ଗୀତା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମାରୋହର ପ୍ରଥମ ଅଧିବେଶନରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ନାଟ୍ୟକାର ଅଭୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସାହିତ୍ୟିକ ପ୍ରଭାତ କୁମାର ଦାସ ସମ୍ମାନିତ ଅତିଥି, କବି ବିଜୟ ନାଥ ଓ ଆଶିଷ କୁମାର ପତି ସଂଯୋଜନା କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ସଂସଦ ସମ୍ପାଦକ ନିବାସ ରାଉତ ସମ୍ପାଦକୀୟ ପାଠ, କଣ୍ଠଶିଳ୍ପୀ ଅମ୍ରିତା ନାୟକ ଗୁରୁ ବନ୍ଦନା ଗାନ କରିଥିଲେ। ଏହି ଅବସରରେ ତବଲା ବାଦକ ଗୁରୁ ଲଲାଟ ଭୂଷଣ ବେହେରାଙ୍କୁ ଲୟଭୂଷଣ ଉପାଧି ସହ ଗୁରୁ ଧୋବି ବେହେରା ସ୍ମୃତି ସମ୍ମାନ, ଯାତ୍ରା ଜଗତର ହାସ୍ୟ ଅଭିନେତା ରବି ଶତପଥୀଙ୍କୁ ହାସ୍ୟରତ୍ନ ଉପାଧି ସହ ବ୍ରହ୍ମାନନ୍ଦ ପଣ୍ଡା ସ୍ମୃତି ସମ୍ମାନ ଓ ଶରତ ଚନ୍ଦ୍ର ଥାଟୋଇଙ୍କୁ କଳାସାଗର ଉପାଧି ସହ ଗୁରୁ ଧୋବି ବେହେରା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ମୁରଲୀଧର ଶତପଥୀ ଉତ୍ସବ ପରିଚାଳନା କରିଥିଲେ।

### ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଦେଖିଲେ ମେୟର, କମିଶନର



ବିଧାୟକ, ସିଏମ୍‌ସି ମେୟର ଓ କମିଶନର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ତଦାରଖ କରୁଛନ୍ତି।

**କଟକ ଅଫିସ, ୫।୧**

ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ପାଇଁ ସହରରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ଏନେଇ ସିଏମ୍‌ସି ମେୟର ସୁବାସ ସିଂ, ବିଧାୟକ ସୌଭିକ୍ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝି, କମିଶନର ନିଖିଲ ପୱନ କଲ୍ୟାଣ, ୱାର୍କ୍ସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ ଖୁଣ୍ଟିଆ, ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆ, ନିର୍ବାହୀଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ, ନବକିଶୋର ପାଲ, ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କ ସମେତ ବହୁ କର୍ପୋରେଟର ଗୁରୁବାର ପୂର୍ବାହ୍ନରେ ରିଂବନ୍ଧର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ତଦାରଖ କରିଥିଲେ। ବିଶେଷକରି ରାସ୍ତାର ସ୍ଥିତି, ଆଲୋକୀକରଣ ଓ ପରିମଳ ବ୍ୟବସ୍ଥା, ଅଙ୍କନ କରାଯାଇଥିବା ବିଭିନ୍ନ ଚିତ୍ରକଳାଗୁଡିକ ଦେଖିଥିଲେ। ଶିଖରପୁରରୁ ଯୋବ୍ରା ଆନିକଟ ପର୍ଯ୍ୟନ୍ତ ସେମାନେ ଯାଇଥିଲେ।




ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ପାଇଁ ସଜେଇ ହେଉଛି କଟକ ସହର: ଜଳବାୟୁ ପରିବର୍ତ୍ତନକୁ ନେଇ ଯୋବ୍ରା ରାସ୍ତାପାର୍ଶ୍ୱରେ ଥିବା ପାଚେରିକୁ ଚିତ୍ରିତ କରାଯାଉଛି।



ବିଭିନ୍ନ ଦାବି ନେଇ ଓଡ଼ିଶା ସଫେଇ କର୍ମଚାରୀ ମହାସଂଘ ଚୌଦ୍ୱାର-କଟକ ପକ୍ଷରୁ ଗୁରୁବାର ଯୋବ୍ରା ମାଛମାର୍କେଟ ନିକଟ ରାସ୍ତାପାର୍ଶ୍ୱରେ ଧାରଣା ଦିଆଯାଇଛି।

## ସଂକ୍ଷେପରେ

### ଧାନ ଅମଳ ସମୟରେ ଅଗ୍ନିକାଣ୍ଡ

ଡେଲାଙ୍ଗ,୫ା୧(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକର ଜେନାପୁର ଅନ୍ତର୍ଗତ ପୋଷଲସ୍ଥିତ ଛଘରିଆ ସାହିରେ ଧାନ ଅମଳ ସମୟରେ ଅଗ୍ନିକାଣ୍ଡ ଘଟିଛି। ଘଟଣା ଅନୁଯାୟୀ ଗ୍ରାମର ଲକ୍ଷ୍ମୀଧର ସ୍ୱାଇଁ ବାଡିରେ ପ୍ରାଚି ମେଶିନ୍‌ରେ ଧାନ କଳେଇରୁ ଅମଳ କରୁଥିଲେ। ଅଧିକ ସମୟ ମେଶିନଟି ଚାଲିବାରୁ ଗରମ ହୋଇ ଅମଳ ପାଳଗଦାରେ ପ୍ରଥମେ ନିଆଁ ଲାଗିଯାଇଥିଲା। ରାସ୍ତାରେ ଯାଉଥିବା ବାଟୋଇ ଓ ଗ୍ରାମବାସୀ ନିଆଁକୁ ଲିଭାଇବାକୁ ଉଦ୍ୟମ କରିଥିଲେ। ଖବରପାଇ ଡେଲାଙ୍ଗ ଅଗ୍ନିଶମ ଅଧିକାରୀ ଚନ୍ଦ୍ରଶେଖର ଜେନାଙ୍କ ସହିତ ସଦଳବଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ତାଙ୍କୁ ୧.୫ ଏକର ଧାନବିଲର ପାଳ (ଗୋରୁ ଖାଇବା ପାଇଁ କୁଟା ) ନଷ୍ଟ ହେବା ସହିତ ୩/୪ ବସ୍ତା ଧାନ ଜଳି ନଷ୍ଟ ହୋଇଯାଇଛି।

### ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

କଣାସ,୫ା୧(ଡି.ଏନ୍.ଏ.): ୧୪ମୌଜା ବିଦ୍ୟୁତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାରେ ନୂତନ ବର୍ଷର ଛାତ୍ରୀଛାତ୍ରମାନଙ୍କ ପାଇଁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ବିଜୟ କୁମାର ସାମନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ନେହ, ସମ୍ମାନ ଓ ସଦ୍‌ଭାବକୁ ବଜାୟ ରଖିବା ସହ ଜୀବନରେ ଆଗକୁ ବଢିବାର ଉତ୍ସାହ ଓ ପ୍ରେରଣା ଦେଇଥିଲେ। ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟରେ ହାସଲ କରିଥିବା ଅନୁଭୂତି ବର୍ଣ୍ଣନା କରିବା ସହ ନୂତନ ପିଲାମାନେ ଶିକ୍ଷକମାନଙ୍କ ସମ୍ମାନ ଦେଇ ଭଲପାଠ ପଢ଼ିବାକୁ ପରାମର୍ଶ ଦେଇଥିଲେ। ଫୁଲ ଚନ୍ଦନ ଓ ଉପହାର ଦେଇ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା । ସେହିପରି ସଭାପତି ତଥା ବିଭାଗୀୟ ମୁଖ୍ୟ ବିପିନ କୁମାର ସେଠୀ ମହାବିଦ୍ୟାଳୟର ନିତିନିୟମ ଓ ଅନୁଶାସନ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଡେମନ ଷ୍ଟ୍ରେଟର ସୁଶାନ୍ତ କୁମାର ଅଗ୍ରାସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାକେଶ କାକଟପୁର ନିର୍ବାଚନମଣ୍ଡଳୀର ଛାତ୍ର ବିଜେଡି ସଭାପତି



ଅସ୍ତରଙ୍ଗ,୫ା୧(ଡି.ଏନ୍.ଏ.): ବିଜୁ ଛାତ୍ର ଜନତା ଦଳକୁ ତୃଣମୂଳ ସ୍ତରରୁ ସଙ୍ଗଠିତ କରିବାକୁ ପୁରୀ ଜିଲାର ୩ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଛାତ୍ର ସଭାପତି ଚୟନ କରାଯାଇଛି। ଏଥିମଧ୍ୟରୁ କାକଟପୁର ନିର୍ବାଚନମଣ୍ଡଳୀ ଛାତ୍ର ଜନତା ସଭାପତି ଭାବେ ରାକେଶ ବେହେରାଙ୍କୁ ରାଜ୍ୟ ବିଜୁ ଛାତ୍ର ଜନତା ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ଏବଂ ପୁରୀ ଜିଲା ବିଜେଡି ଛାତ୍ର ଜନତା ଦଳ ସଭାପତି ରାଜେଶ କୁମାର ରଥ ଚୟନ କରିଛନ୍ତି। ସେ ଏହାର ଶ୍ରେୟ ରାଜ୍ୟ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, କାକଟପୁର ବ୍ଲକ ବିଜେଡି ସଭାପତି ପ୍ରାଣନାଥ ମଲ୍ଲିକଙ୍କୁ ଜଣାଇବା ସହ ତୃଣମୂଳ ସ୍ତରରୁ ଛାତ୍ର ବିଜେଡିକୁ ସଶକ୍ତ କରିବାକୁ ରାକେଶ ବେହେରା ପ୍ରେସ୍ ବିବୃତିରେ କହିଛନ୍ତି।

# ୮ଘଣ୍ଟା କାଗଜପତ୍ର ଯାଞ୍ଚ କଲା ଭିଜିଲାନ୍ସ

ଗୋପ,୫ା୧(ଡି.ଏନ୍.ଏ.)

ଗୋପ ବ୍ଲକ ଅନ୍ତର୍ଗତ ଅଣ୍ଡରା-ଇଛାପୁର ପଞ୍ଚାୟତରେ ପାଇଖାନା ଦୁର୍ନୀତି ଘଟଣାରେ ବୁଧବାର ଭିଜିଲାନ୍ସ ଟିମ୍ ଯାଞ୍ଚ କରି କାଗଜପତ୍ର ସଂଗ୍ରହ କରିଥିବାବେଳେ ଗୁରୁବାର ମଧ୍ୟ ପୁଣି ୩ଜଣିଆ ଭିଜିଲାନ୍ସ ଅଧିକାରୀଙ୍କ ସହ ୩ ଇଞ୍ଜିନିୟର ଟିମ୍ ଆସି ଆହୁରି ୯ଗ୍ରାମରେ ବୁଲି ଖୋଳତାଡ଼ କରିଛନ୍ତି। ଏହି ଟିମ୍ ଦୀର୍ଘ ୮ ଘଣ୍ଟା ଧରି କାଗଜପତ୍ର ତଦନ୍ତ କରିବା ସହ ହିତାଧିକାରୀମାନଙ୍କୁ ପଚରାଉଚରା କରି ପାଇଖାନା ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଲେଖି ନେଇଛନ୍ତି। ପ୍ରକାଶ ଯେ, ଅଣ୍ଡରା-ଇଛାପୁର ପଞ୍ଚାୟତରେ ସ୍ୱଚ୍ଛ ଭାରତ ଅଭିଯାନ ଯୋଜନାରେ ୬ ଶହରୁ ଊର୍ଦ୍ଧ୍ୱ ପାଇଖାନା ନିର୍ମାଣ ହୋଇଥିଲା। କିନ୍ତୁ ପାଇଖାନା ନିର୍ମାଣ ଦାୟିତ୍ୱ କେତେକ ସ୍ୱୟଂ ସହାୟକ ଗୋଷ୍ଠୀ, ୨ ସ୍ୱେଚ୍ଛାସେବୀ ସଂଗଠନ ନେଇ ଥିବାବେଳେ ୧୧ଜଣ ହିତାଧିକାରୀ ନିଜେ ପାଇଖାନା ନିର୍ମାଣ



ଇଛାପୁର ପଞ୍ଚାୟତର ଏକ ଗାଁରେ ଭିଜିଲାନ୍ସ ଅଧିକାରୀମାନେ ତଦନ୍ତ କରୁଛନ୍ତି ।

ଲାଗି କାର୍ଯ୍ୟାଦେଶ ନେଇ ନିର୍ମାଣ କରିଥିଲେ। ଏଥିପାଇଁ ସରକାରଙ୍କ ପକ୍ଷରୁ ୧୨ ହଜାର ଟଙ୍କା ଲେଖାଏ ମିଳୁଥିବା ବେଳେ ଅଧିକାଂଶ ପାଇଖାନା ନିର୍ମାଣ ଅଧାପନ୍ତରିଆ ହୋଇଥିଲା ବେଳେ କେତେଜଣ ହିତାଧିକାରୀ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ପାଇଖାନା କରିଥିଲେ। ହେଲେ ଅଧିକାଂଶ ହିତାଧିକାରୀ କମ ଟଙ୍କାରେ ତିଆରି ପାଇଖାନାକୁ ବ୍ୟବହାର କରି ନ ଥିଲେ। ଏପରିକି ପାଇଖାନା ନିର୍ମାଣରେ ଦୁର୍ନୀତି ହୋଇଥିବା ନେଇ କେତେଜଣ ଲୋକାୟୁକ୍ତରେ ଅଭିଯୋଗ କରିବା ପରେ ଭିଜିଲାନ୍ସ ବିଭାଗକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲା। ଭିଜିଲାନ୍ସ ବିଭାଗ ତଦନ୍ତ କରି ରିପୋର୍ଟ ଦେଇଥିବା ବେଳେ ପୁଣି ଗୁରୁବାର

**ପାଇଖାନା ଦୁର୍ନୀତି ଘଟଣା**

୩ଜଣିଆ ଭିଜିଲାନ୍ସ ସହ ୩ ଯନ୍ତ୍ରୀ ଆସି ଏହି ପଞ୍ଚାୟତର ଇଛାପୁର, ବେଣୀପୁର, ଅଡଙ୍ଗାସାହି, ଦିହୁଡା, ପୋଇତରା, ଅଣ୍ଡରା, ଆଳିଚର ସହ ୯ଗାଁରେ ବୁଲି ପାଇଖାନା ଦୁର୍ନୀତି ସମ୍ପର୍କରେ ଯନ୍ତ୍ରୀମାନେ ମାପଚୁପ କରିଥିଲେ। ଏହି ଟିମ୍ ୮ଘଣ୍ଟା ଧରି ଘର ଘର ବୁଲି ତଦନ୍ତ କରିଥିବା ବେଳେ ସରକାରଙ୍କ ପକ୍ଷରୁ ମିଳିଥିବା ଟଙ୍କା ସହ ଆଉ କିଛି ଟଙ୍କା ମିଶାଇ ଉଚ୍ଚମାନର ପାଇଖାନା କରିଥିବା କେତେଜଣ ହିତାଧିକାରୀ କହିଛନ୍ତି। ଏ ନେଇ ଭିଜିଲାନ୍ସ ଟିମ୍‌ର ଡିଏସ୍‌ପି ଶିଶିରଙ୍କୁ ପଚାରିବାରେ ତଦନ୍ତ ଚାଲିଛି ବୋଲି କହିଥିବା ବେଳେ ଯନ୍ତ୍ରୀ ଧନେଶର ନାୟକ କହିଛନ୍ତି, ଅଧିକାଂଶ ପାଇଖାନାର ଲମ୍ବ, ପ୍ରସ୍ଥ ମପାଯାଇଛି। ଏହି ତଦନ୍ତ ରିପୋର୍ଟ ଜାନୟରୀ ୧୪ରେ ଲୋକାୟୁକ୍ତରେ ଦାଖଲ ହେବା ପରେ ୨୪ ତାରିଖରେ ରାୟ ପ୍ରକାଶ କରାଯିବ ବୋଲି ଜଣାପଡିଛି।

# ଯୁବକଙ୍କୁ ଛୁରାମାଡ଼ ଘଟଣା, ୨ ଗିରଫ

କୋଣାର୍କ,୫ା୧(ଡ.ଏନ.ଏ.)

ଜଣେ ଯୁବକଙ୍କୁ ଛୁରି ମାରିବା ଘଟଣାରେ କୋଣାର୍କ ପୋଲିସ ଅଟକ ରଖିଥିବା ୨ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ, ମାଧିପୁର ଗୋଛାୟତ ସାହିର ଜଗୁ ଗୋଛାୟତ ଓ କାଲୁ ଗୋଛାୟତ। ବିଚାର ବିଭାଗୀୟ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ମଙ୍ଗଳବାର ରାତିରେ କୋଣାର୍କ ଥାନାଠାରୁ ମାତ୍ର କିଛି ଦୂରତାର ବ୍ୟାଙ୍କ ଗଳିରେ ରହୁଥିବା ତାପସ କୁମାର ଶତପଥୀ ଇକୋ ରିଟ୍ରିଟରୁ କାର୍ଯ୍ୟ ସାରି ବିଳମ୍ବିତ ରାତିରେ ଘରକୁ ଫେରୁଥିଲେ। ଏହି ସମୟରେ ଗଳି ସମ୍ମୁଖରେ ଜଗୁ ଓ କାଲୁ ତାପସଙ୍କୁ ଅଟକାଇ ଗାଳିଗୁଲଜ କରିବା ସହିତ ଛୁରି ମାରିଥିଲେ। ତାପସଙ୍କ ପାଖରେ ଥିବା ମୋବାଇଲ, ୩୦ହଜାର ଟଙ୍କା ନେଇଯାଇଥିଲେ। ଏ ନେଇ ତାପସ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨/୨୩) ରୁଜୁ କରି ତଦନ୍ତ ଚଳାଇ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। କୋଣାର୍କରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି।

# ୩ ଡ୍ରାଇଭର ଗିରଫ, କାର୍ ଜବତ

ଭୁବନେଶ୍ୱର,୫ା୧(ବ୍ୟୁରୋ)

**ମହିଳା ଏସ୍‌ଆଇଙ୍କୁ ଖଣ୍ଡାଦେଖାଇ ଆକ୍ରମଣ ଉଦ୍ୟମ ଘଟଣା**

ଶହୀଦନଗର ଥାନା ଅନ୍ତର୍ଗତ ଆଚାର୍ଯ୍ୟ ବିହାରସ୍ଥିତ ସାଇନ୍ସ ପାର୍କ ନିକଟରେ ମଧ୍ୟରାତ୍ରିରେ ମହିଳା ଥାନା ଏସ୍‌ଆଇ ଶୁଭଶ୍ରୀ ନାୟକଙ୍କୁ ଗାଳିଗୁଲଜ କରିବା ସହ ଗୋଡ଼ାଇ ଗୋଡ଼ାଇ ଖଣ୍ଡା ଦେଖାଇ ଆକ୍ରମଣ ଉଦ୍ୟମ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା ନୟାଗଡ଼ ଜିଲା ରଣପୁରର ଚକ ଓରଫ କୁନା ଚନ୍ଦ୍ର ସାହୁ (୨୩), ବୌଦ୍ଧ ଜିଲାର ଅରୁ ଓରଫ ଅରେନ୍ଦା ମହାକୁଦ (୨୮) ଓ ପଦିଆ ଓରଫ ପ୍ରଦୀପ ବେହେରା (୩୫)। ଘଟଣା ସମୟରେ ସେମାନେ ବ୍ୟବହାର କରିଥିବା ଇନୋଭା ଗାଡ଼ି (ନଂ.ଓଡି୧୩ସି୮୭୮୭)କୁ ଜବତ କରାଯାଇଥିବାବେଳେ କୌଣସି ମାରଣାସ୍ତ୍ର ମିଳି ନାହିଁ। କାର ମୁହାଁମୁହିଁକୁ ନେଇ ଅଭିଯୁକ୍ତମାନେ ମହିଳା ଏସ୍‌ଆଇଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିବା ତଦନ୍ତରୁ ଜଣାପଡ଼ିଛି। ଏହି ୩ ଜଣଙ୍କ ବ୍ୟତୀତ ଉକ୍ତ କାର୍‌ରେ ଆଉ କେହି ନ ଥିଲେ ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ତେବେ ଗିରଫ ୩ ଅଭିଯୁକ୍ତ ପେସାରେ ଡ୍ରାଇଭର। ସେମାନଙ୍କ ମଧ୍ୟରୁ ଜଣଙ୍କୁ ପୁରୀ ଜିଲା ସାତପଡ଼ାରୁ, ଆଉ ଜଣଙ୍କୁ ଜଗତପୁର ଓ ଅନ୍ୟଜଣଙ୍କୁ ଭୁବନେଶ୍ୱରରୁ ଗିରଫ କରାଯାଇଛି। ଅଧିକ ତଥ୍ୟ ପାଇଁ ସିସିଟିଭି ଫୁଟେଜ ଯାଞ୍ଚ କରାଯିବା ସହ ତଦନ୍ତ ଚାଲୁ ରହିଥିବା ଡିସିପି କହିଛନ୍ତି। ଅନ୍ୟପକ୍ଷରେ ଆକ୍ରମଣ ନୁହେଁ, ଭୁଲ୍ ମାଗିବାକୁ ପିଛା କରୁଥିଲୁ ବୋଲି ଜଣେ ଅଭିଯୁକ୍ତ ଗଣମାଧ୍ୟମ ଆଗରେ କହିଛନ୍ତି।

ସୂଚନା ଅନୁସାରେ, ସୋମବାର ରାତି ୧ଟା ୩୦ରେ ୩ ଅଭିଯୁକ୍ତ ଏକ ପାର୍ଟିରେ ଯୋଗ ଦେଇ ଇନୋଭା ଗାଡ଼ିରେ ଫେରୁଥିବାବେଳେ ସାଇନ୍ସ ପାର୍କ ନିକଟରେ ମହିଳା ଏସ୍‌ଆଇ ଶୁଭଶ୍ରୀ ନାୟକଙ୍କ କାର୍ ତାଙ୍କ ଗାଡ଼ି ସହ ସାମ୍ନାସାମ୍ନି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସେମାନେ କାର୍‌ରେ ଥିବା ଏସ୍‌ଆଇଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ଗାଡ଼ିକୁ ପିଛା କରି ମାରଣାସ୍ତ୍ରରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏସ୍‌ଆଇ ଜଣକ ରିଜର୍ଭ ଗ୍ରାଉଣ୍ଡ ଭିତରକୁ ଗାଡ଼ି ନେଇ ଜୀବନ ବଞ୍ଚାଇଥିଲେ। ପରେ ଏନେଇ ସେ ଶହୀଦନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାକୁ ଗୁରୁତର ସହ ନେଇ ଖୋଳତାଡ଼ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତରୁ ଉକ୍ତ ଗାଡ଼ିଟି ଚକଙ୍କର ଓ ସେ ସାଇନ୍ସ ପାର୍କ ପଛ ବସ୍ତିରେ ରହୁଥିବା ଜାଣିବାକୁ ପାଇଥିଲେ। ଏହାପରେ ପୋଲିସ ତାଙ୍କୁ ପ୍ରଥମେ ଗିରଫ କରିବା ପରେ ତାଙ୍କର ୨ ସହଯୋଗୀ ଅରୁ ଓ ପଦିଆଙ୍କୁ ଗିରଫ କରିଥିଲା।

# କୃଷକଙ୍କ ସହ ଆଲୋଚନା କଲେ ତହସିଲଦାର




ଆନ୍ଦୋଳନରତ କୃଷକମାନଙ୍କ ସହିତ ତହସିଲଦାର ସ୍ମୃତିରଞ୍ଜନ ଶତପଥୀ ଆଲୋଚନା କରୁଛନ୍ତି ।

କଣାସ,୫ା୧(ଡି.ଏନ.ଏ./ସ୍ୱ.ପ୍ର.)

କଣାସ ବ୍ଲକ ଅଞ୍ଚଳର ନୀଳାଚଳ କୃଷକ ମହାସଂଘ ବିଭିନ୍ନ ଦାବି ନେଇ ଗତ ୯ଦିନ ଧରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣାସ୍ଥଳକୁ ଗୁରୁବାର ତହସିଲଦାର ସ୍ମୃତିରଞ୍ଜନ ଶତପଥୀ ପହଞ୍ଚି ଆଲୋଚନା କରିଛନ୍ତି। ଗତ ଫନୀ ବାତ୍ୟାରେ ହୋଇଥିବା କ୍ଷୟକ୍ଷତିର ଠିକ୍ ଆକଳନ, କ୍ଷତିଗ୍ରସ୍ତ ରାଶି ପ୍ରଦାନ, ମାଷ୍ଟରପ୍ଲାନ ଜରିଆରେ ପୁରୀ ଜିଲାର ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ ଆଦି ବିଭିନ୍ନ ଦାବି ଉପରେ ଜିଲାପାଳ ଦେଇଥିବା ପ୍ରତିଶ୍ରୁତି ପାଳନ କରି ନ ଥିବାରୁ ମହାସଂଘ ନିନ୍ଦା କରିଛି। ପ୍ରତିଶୃତି ମୁତାବକ ଦାବି ପୂରଣ ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ଅଡି ବସିଛି ମହାସଂଘ। ତେବେ ତହସିଲଦାର ସେମାନଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ମହାସଂଘ ଏଥିରେ ରାଜି ହୋଇ ନ ଥିଲା। ଜିଲାପାଳ ଯେ ପର୍ଯ୍ୟନ୍ତ ଆଲୋଚନା କରିବା ପାଇଁ ଦିନ ସ୍ଥିର କରି ଲିଖିତ ପ୍ରତିଶ୍ରୁତି ଦେଇନାହାନ୍ତି ସେ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଚେତାବନୀ ଦେଇଛି ସଙ୍ଘ। ତହସିଲଦାର ଶତପଥୀ ଚାଷୀମାନଙ୍କ ଦାବି ନେଇ ଜିଲାପାଳଙ୍କୁ ଅବଗତ କରାଇଥିବା ନେଇ ଗଣମାଧ୍ୟମ ନିକଟରେ କହିଛନ୍ତି। ମହାସଂଘର ରାଜ୍ୟ ଉପସଭାପତି ପ୍ରକାଶ କୁମାର ନାୟକ, କଣାସ ବ୍ଲକ ସଭାପତି କେଦାରଶ୍ୱର ପରିଡା, ଉପସଭାପତି ହୃଷୀକେଶ ପ୍ରଧାନ, ଗୁଣନିଧି ପାତ୍ର, ପୁରୀ ସଦର ବ୍ଲକ ସଭାପତି ଅରକ୍ଷିତ ଦାସ ପ୍ରମୁଖଙ୍କ ସହିତ ଶତାଧିକ ଚାଷୀ ଧାରଣା ସ୍ଥଳରେ ଉପସ୍ଥିତ ଥିଲେ।

# ବ୍ଲକ କାର୍ଯ୍ୟାଳୟ ପରିସରରେ ଖୋଲିବ ଅସ୍ଥାୟୀ ସିଭିଲ କୋର୍ଟ

କୃଷ୍ଣପ୍ରସାଦ,୫ା୧(ଡି.ଏନ୍.ଏ.):

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଚିଲିକା ନୂଆପଡ଼ାରେ ସିଭିଲ କୋର୍ଟ ପାଇଁ ସ୍ଥାନ ନିରୂପଣ ହୋଇଛି। ତେବେ ଅସ୍ଥାୟୀଭାବେ କୋର୍ଟ ଚଳାଇବା ପାଇଁ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ଗୁରୁବାର ନୂଆପଡ଼ାସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗ ଡାକ ବଙ୍ଗଳା ଏବଂ ବ୍ଲକ ପରିସରରେ ଥିବା ଡାକ ବଙ୍ଗଳାକୁ ରେଜିଷ୍ଟ୍ରର ସିଭିଲ କୋର୍ଟ ପୁରୀ ନିଖିଳ ଭାରତ ମହାନ୍ତି, କୋର୍ଟ ମ୍ୟାନେଜର ପୁରୀ ମଳୟ ଗିରି, କୃଷ୍ଣପ୍ରସାଦ ବିଡିଓ ମନୋଜ କୁମାର ନାୟକଙ୍କ ନେତୃତ୍ୱରେ ବୁଲି ଦେଖିଥିଲେ। ଅସ୍ଥାୟୀ ଭାବେ କୋର୍ଟ ଚାଲିବା ପାଇଁ କୃଷ୍ଣପ୍ରସାଦ ବ୍ଲକ ପରିସରରେ ଥିବା ଡାକ ବଙ୍ଗଳାରେ ସମସ୍ତ ସୁବିଧା ରହିଥିବାରୁ ଏହି ସ୍ଥାନକୁ ପ୍ରଶାସନିକ ଅଧିକାରୀମାନେ ମନୋନୀତ କରିବା ସହ ଖୁବଶୀଘ୍ର କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ମାମଲାରେ ପୁରୀ ଯାତାୟାତରେ ବହୁ ଅର୍ଥ ବ୍ୟୟ ହୋଇଥାଏ। କୃଷ୍ଣପ୍ରସାଦରେ ଖୁବଶୀଘ୍ର ଅସ୍ଥାୟୀ କୋର୍ଟ ଖୋଲିବ ବୋଲି ଜଣାପଡ଼ିବା ପରେ ଲୋକଙ୍କ ମଧ୍ୟରେ ଖୁସି ଦେଖାଦେଇଛି। ଏହି ଗସ୍ତରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ମୁଖ୍ୟ କିରାଣୀ କୁବେର ଜେନା, କୃଷ୍ଣପ୍ରସାଦ ବାର୍ ଆସୋସିଏଶନ ସଭାପତି ପ୍ରସନ୍ନ କୁମାର ମାନସିଂହ, ସମ୍ପାଦକ ବିକ୍ରମ ବିହାରି ଜେନା, ସହସମ୍ପାଦକ ରଞ୍ଜନ ବେହେରା, ରମେଶ ଚନ୍ଦ୍ର ସାହୁ, ନିରଞ୍ଜନ ପ୍ରଧାନ, ନୂଆପଡ଼ା ସରପଞ୍ଚଙ୍କ ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ଜେନା, ନୂଆପଡ଼ା ଗ୍ରାମ୍ୟ କମିଟି ସଭାପତି ନଳିନୀ କାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ୫ ଲକ୍ଷ କ୍ଷତିପୂରଣ ଦେବେ ରାଜ୍ୟ ସରକାର

କଟକ ଅଫିସ,୫ା୧:

**ଟ୍ରକ୍ ଧକ୍କାରେ କଲେଜ ଛାତ୍ରୀଙ୍କ ମୃତ୍ୟୁ ମାମଲା**

- ସରକାର ଆଧୁନିକ ସଡ଼କ ବ୍ୟବସ୍ଥା କରନ୍ତୁ
- ନିୟମିତ ରାସ୍ତା ମରାମତି ହେଉ
- ଇ-ଯାନ, ସାଇକେଲ ଚାଳନାକୁ ଉତ୍ସାହିତ କରାଯାଉ

କଟକ କଲେଜ ଛକ ନିକଟରେ ୨୦୧୯ରେ ଟ୍ରକ ଧକ୍କାରେ ମୃତ ଯୁକ୍ତ ୩ ଛାତ୍ରୀଙ୍କ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ରାଜ୍ୟ ସରକାର ପ୍ରଦାନ କରିବେ। ଓଡ଼ିଶା ରାଜ୍ୟ ମାନବାଧିକାର ଆୟୋଗ (ଓଏଚ୍ଆର୍‌ସି)ରେ ଏନେଇ ଆଗତ ମାମଲାର ବିଚାର କରାଯାଇ ରାୟରେ ଗୁରୁବାର ଏହି ନିର୍ଦ୍ଦେଶ ଦିଆଯାଇଛି। ଟ୍ରକ ଧକ୍କାରେ ଛାତ୍ରୀ ଅନ୍ନପୂର୍ଣ୍ଣା ଚୌଧୁରୀଙ୍କ ମୃତ୍ୟୁକୁ ନେଇ ହାଇକୋର୍ଟ ଆଇନଜୀବୀ ଶିବଶଙ୍କର ମହାନ୍ତି ଓଏଚ୍ଆର୍‌ସିରେ ମାମଲା ଦାୟର କରିଥିଲେ। ଏଥିସହ ସଡ଼କ ଦୁର୍ଘଟଣା ହ୍ରାସ କରିବା ପାଇଁ ଆଧୁନିକ ସଡ଼କ ବ୍ୟବସ୍ଥା କରିବାକୁ ରାଜ୍ୟ ସରକାର ପଦକ୍ଷେପ ନେବା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଆୟୋଗଙ୍କ ପକ୍ଷରୁ ଦିଆଯାଇଛି।

ସରକାର ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟରେ ଟ୍ରାଫିକ ପୋଲିସର ଦକ୍ଷତା ବୃଦ୍ଧି ପାଇଁ ଗୁରୁତର ସହ ଚିନ୍ତା କରିବା ଉଚିତ୍। ଟ୍ରାଫିକ ପୋଲିସ ବର୍ଷରେ ୨ ଥର ତାଲିମ ନେବା ଉଚିତ୍। ଟ୍ରାଫିକ ନିୟମ ପାଳନରେ ଛୋଟ ବ୍ୟତିକ୍ରମକୁ ବି ଅଣଦେଖା ନ କରିବାକୁ ସେମାନଙ୍କୁ ଶିକ୍ଷା ଦିଆଯିବା ଦରକାର। ଭୁବନେଶ୍ୱର-କଟକ ଦ୍ୱୈତ ନଗରୀରେ ସଡ଼କ ବ୍ୟବସ୍ଥାକୁ ଯାଞ୍ଚ କରିବା ସହ ଆବଶ୍ୟକ ଡିଜାଇନ ବଦଳାଇବା ପାଇଁ ବିଶେଷଜ୍ଞଙ୍କ ସହାୟତା ନିଆଯାଉ। ବିନାବାଧାରେ ଗାଡ଼ି ଚଳାଚଳର ବ୍ୟବସ୍ଥା କରାଯିବା ସହ ନିୟମିତ ଭାବେ ସଡ଼କ ମରାମତି କରାଯାଉ। କଟକ, ଭୁବନେଶ୍ୱର ରାସ୍ତାର ଉଭୟ ପାର୍ଶ୍ୱରେ ବହୁସଂଖ୍ୟକ କ୍ୟାବିନ ଓ ଦୋକାନ ରହି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ସେଗୁଡ଼ିକୁ ତୁରନ୍ତ ହଟାଇ ବେଆଇନ ନିର୍ମାଣକୁ ଭାଙ୍ଗି ଦିଆଯିବା ନେଇ ସରକାର ପଦକ୍ଷେପ ନିଅନ୍ତୁ। ସହରରେ ରାସ୍ତାର ଉଭୟ ପାର୍ଶ୍ୱରେ ସାଇକେଲ ଚଲାଇବା ପାଇଁ ରାସ୍ତା ତିଆରି କରାଯାଉ। ଲୋକମାନଙ୍କୁ ୨ ଓ ୪ ଚକିଆ ଯାନ ବଦଳରେ ସାଇକେଲ ଚଳାଇବା, ପାରମ୍ପରିକ ଯାନ ବଦଳରେ ଇ-ଯାନ ବ୍ୟବହାରକୁ ଉତ୍ସାହିତ କରାଯାଉ। ମେଟ୍ରୋ ପଲିଟାନ ସିଟି ଭଳି ଇଣ୍ଟେଲିଜେଣ୍ଟ ଟ୍ରାଫିକ ବ୍ୟବସ୍ଥା ଗ୍ରହଣ କରାଯିବା ଉପରେ ସରକାର ପଦକ୍ଷେପ ନେବା ଦରକାର

# ସୂଚନାଧିକାରୀ କର୍ମୀଙ୍କୁ ଧମକ

ଜଟଣୀ,୫ା୧(ଡି.ଏନ୍.ଏ.):

ଜଟଣୀ ପୌରାଞ୍ଚଳ ବଡ଼ନୂଆଗାଁ ଅଞ୍ଚଳର ସାମାଜିକ କର୍ମୀ ତଥା ସୂଚନା ଅଧିକାର କର୍ମୀ ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ କେହି ଦୁର୍ବୃତ୍ତ ଫୋନ କରି ମିଥ୍ୟା ମାମଲାରେ ଫସାଇ ଦେବ ବୋଲି ଧମକ ଦେଇଛନ୍ତି। ଏନେଇ ମହାପାତ୍ର ଜଟଣୀ ଥାନା, ପୋଲିସ କମିଶନର, ଡିସିପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଆଇନ ମୁତାବକ ନ୍ୟାୟ ଓ ସୁରକ୍ଷା ପାଇଁ ନିବେଦନ କରିବା ସହିତ ଫୋନ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି।

# ଦୟାନଦୀ କୂଳରେ ଦନ୍ତା



ଡେଲାଙ୍ଗ,୫ା୧(ଡି.ଏନ୍.ଏ.)

ଜଟଣୀ ପାଣ୍ଡିଆ ବିଲି ଦୟାନଦୀ କୂଳରେ ଏକ ଜଙ୍ଗଲିଆ ସ୍ଥାନକୁ ଗୋଟିଏ ଦନ୍ତା ହାତୀ ପଶି ଆସିଛି। ଏହି ସ୍ଥାନର ସନ୍ନିକଟରେ ଡେଲାଙ୍ଗ ବ୍ଲକର ଘନିପୁର ପଞ୍ଚାୟତ। ଦୟାନଦୀ ପଶ୍ଚିମପଟ ନଦୀବନ୍ଧ କୂଳରେ ଚାଷୀମାନେ ଚାଷ କରିଥିବା ଅନେକ ଫସଲ ମଧ୍ୟ ହାତୀ ନଷ୍ଟ କରିଦେଇଛି। ଖବରପାଇ ଡେଲାଙ୍ଗ, ଖୋର୍ଦ୍ଧା, ପୁରୀ, କଣାସର ବନ ବିଭାଗ କର୍ମଚାରୀମାନେ ହାତୀ ଗତିବିଧି ଉପରେ ନଜର ରଖିଛନ୍ତି ବୋଲି ଡେଲାଙ୍ଗ ବନ ବିଭାଗ ରେଞ୍ଜର ସାନ୍ତନୁ ଦଳାଇ କହିଛନ୍ତି। ହାତୀ ରହିଥିବା ସ୍ଥାନଠାରୁ ମାତ୍ର ୨ କିମି ଦୂରରେ ଡେଲାଙ୍ଗର କୁମୁକା ଜଙ୍ଗଲ ରହିଛି। ଯଦି ଏହି ଜଙ୍ଗଲ ମଧ୍ୟରେ ହାତୀ ପ୍ରବେଶ କରିବ, ତେବେ ଖୋର୍ଦ୍ଧା -ଡେଲାଙ୍ଗ ରାସ୍ତାରେ ଯାତାୟାତରେ ସମସ୍ୟା ଉପୁଜିବ। ଏହାସହିତ ଡେଲାଙ୍ଗ ବ୍ଲକର ବିଭିନ୍ନ ଗ୍ରାମପୁଞ୍ଜିର ଧାନକ୍ଷେତ ନଷ୍ଟ ହେବାର ଆଶଙ୍କା ରହିଛି। ଦନ୍ତା ଥିବା ଜାଣି ଡେଲାଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ଅଙ୍ଗନୱାଡ଼ି ସହାୟିକା ନିଯୁକ୍ତି ନେଇ ବିବାଦ

ଗୋପ,୫ା୧(ଡି.ଏନ୍.ଏ.)

ଗୋପ ବ୍ଲକ ଅଞ୍ଚଳରେ ୪ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ସହାୟିକା ନିଯୁକ୍ତି ନେଇ ବିବାଦ ଦେଖାଦେଇଥିଲା। ଏହାକୁ ନେଇ କେତେଜଣ ବିରୋଧୀ କେତୋଟି ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି। ଫଳରେ ଶିଶୁମାନେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସି ଫେରୁଥିବା ଅଭିଯୋଗ ରହିଛି। ପ୍ରକାଶ ଯେ, ଗୋପ ବ୍ଲକ ଅନ୍ତର୍ଗତ ବଡ଼ତରା ପଞ୍ଚାୟତର ମଲ୍ଲ ଗ୍ରାମ କେନ୍ଦ୍ର, ବେଦପୁରର ବାଲିସାହି, ଅଣ୍ଡରା-ଇଛାପୁରର ଦିହୁଡା ଓ ବଣହରାର ବଣହରା ଅଙ୍ଗନୱାଡ଼ି କେନ୍ଦ୍ରରେ ସହାୟିକା ନିଯୁକ୍ତି ଲାଗି ସିଡିପିଓ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ନିଯୁକ୍ତି ପାଇଁ ସରକାରୀ ନିୟମ ଅନୁସାରେ ବିଭାଗୀୟ ଅଧିକାରୀମାନେ ଗାଁରେ ପହଞ୍ଚି ଭୋଟ ମାଧ୍ୟମରେ ନିଯୁକ୍ତି କରିବା ପରେ



ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ପକାଯାଇଛି ।

ବିବାଦ ଆରମ୍ଭ ହୋଇଥିଲା। ଏହାକୁ ନେଇ କେତେଜଣ ବିରୋଧୀ ଏହା ଠିକ୍ ଭାବେ ନିଯୁକ୍ତ ପ୍ରକ୍ରିୟା ହୋଇ ନ ଥିବା କହି ବାଲିସାହି ଅଙ୍ଗନୱାଡ଼ି, ଦିହୁଡା ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇଥିବାବେଳେ ପରେ ଆଉ ୨ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ମଧ୍ୟ ତାଲା ପକାଇଥିଲେ। ଏ ନେଇ ସିଡିପିଓ ତନୁ ପ୍ରଭା ବେଉରାଙ୍କୁ ପଚାରିବାରେ ସରକାରୀ ନିୟମ ଅନୁସାରେ ସହାୟିକା ନିଯୁକ୍ତି ଦିଆଯାଇଛି। କେନ୍ଦ୍ରରେ ତାଲା ପଡ଼ିବା କଥାରେ ବ୍ୟକ୍ତିଗତ କାମ ଯୋଗୁ ଛୁଟିରେ ଅଛି। ଅଙ୍ଗନୱାଡ଼ି କର୍ମୀମାନଙ୍କୁ ଥାନାରେ ଅଭିଯୋଗ ଦେବା ପାଇଁ ନିର୍ଦ୍ଦେଶ ଦେଇଛି। ଏଥିସହ ଘଟଣା ସମ୍ପର୍କରେ ଉପଜିଲାପାଳଙ୍କୁ ମଧ୍ୟ ଜଣାଇଛି ବୋଲି କହିଥିଲେ।

# ଅଧିକାରୀଙ୍କ ସହ ସ୍ଥିତି ଅନୁଧ୍ୟାନକଲେ ବିଧାୟକ

ସାକ୍ଷୀଗୋପାଳ, ୫ା୧ (ସ୍ୱ.ପ୍ର./ଡି.ଏନ୍.ଏ.)

**ଫେବୃୟାରୀ ସୁଦ୍ଧା ସାକ୍ଷୀଗୋପାଳ ମନ୍ଦିର ସୌନ୍ଦର୍ଯ୍ୟ କାର୍ଯ୍ୟ ଆରମ୍ଭ**

ସାକ୍ଷୀଗୋପାଳ ମନ୍ଦିର, ପର୍ଯ୍ୟଟନ ସ୍ଥଳର ଅବ୍ୟବସ୍ଥା, ଯାତ୍ରୀଙ୍କ ସୁରକ୍ଷା ପ୍ରତି ପ୍ରଶାସନର ଅବହେଳା ନେଇ ଧରିତ୍ରୀରେ ଖବର ପ୍ରସାରଣ ପରେ ବିଧାୟକ ଉମାକାନ୍ତ ସାମନ୍ତରାୟ ଗୁରୁବାର ସନ୍ଧ୍ୟାରେ ବ୍ଲକର ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ସହିତ ସାକ୍ଷୀଗୋପାଳ ମନ୍ଦିର ପରିଦର୍ଶନରେ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତୀର୍ଥ ପାଇଁ ଆସିଥିବା ପର୍ଯ୍ୟଟକମାନଙ୍କୁ କିଭଳି ସୁବିଧା ମିଳୁଛି ସେ ସମ୍ପର୍କରେ ବିଧାୟକ ଆଲୋଚନା କରିବା ସହ ବିଭିନ୍ନ ସ୍ଥାନ ପରଖିଥିଲେ। ଏଥିସହ ଫେବୃୟରୀ ଶେଷ ସୁଦ୍ଧା ସାକ୍ଷୀଗୋପାଳ ମନ୍ଦିର ପରିସର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ



ଅଧିକାରୀମାନଙ୍କ ସହ ବିଧାୟକ ଉମାକାନ୍ତ ସାମନ୍ତରାୟ ଆଲୋଚନା କରୁଛନ୍ତି ।

କରାଯିବ ବୋଲି ମଧ୍ୟ ବିଧାୟକ ସୂଚନା ଦେଇଥିଲେ। ପର୍ଯ୍ୟଟକଙ୍କୁ ମନ୍ଦିର ସମ୍ପର୍କରେ ଆବଶ୍ୟକ ସୂଚନା ପ୍ରଦାନ, ପାର୍କିଂସ୍ଥଳ ସୂଚନାଫଳକ ସ୍ଥାପନ, ସିଂହଦ୍ୱାର ଓ ବିଜେ ଦାଣ୍ଡ ନିୟମିତ ସଫେଇ, ପାନ୍ଥଶାଳା ଓ ଶୌଚାଳୟ ନିୟମିତ ଖୋଲା ରଖିବା, ପାନୀୟ ଜଳ ବ୍ୟବସ୍ଥା, ରାସ୍ତାରେ ଭାସୁଥିବା ଜଳ ନିଷ୍କାସନ ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ଯାନବାହନ ନିୟନ୍ତ୍ରଣ, ପର୍ଯ୍ୟଟକଙ୍କ ନିମନ୍ତେ ରୋଷ ଘର ଓ ଉପଯୁକ୍ତ ସ୍ଥାନରେ ଭୋଜନ ବ୍ୟବସ୍ଥା କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ବିଜେ ଦାଣ୍ଡକୁ ସଫା ରଖୁଥିବା କର୍ମଚାରୀଙ୍କ ଦରମା ବଢ଼ାଯିବା ପାଇଁ ଅତି ଶୀଘ୍ର ବ୍ୟବସ୍ଥା କରାଯିବ ବୋଲି ସଫେଇ କର୍ମଚାରୀଙ୍କୁ କହିଥିଲେ। ସେହିଭଳି ବ୍ୟବସାୟୀମାନଙ୍କୁ ଦୋକାନ ସମ୍ମୁଖରେ ଡଷ୍ଟବିନ ରଖିବା ସହିତ ଅଳିଆ ନିର୍ଦ୍ଧାରିତ ସ୍ଥାନରେ ପକାଇବା ନିମନ୍ତେ ଅନୁରୋଧ କରିଥିଲେ। ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ତହସିଲଦାର ଜୟନ୍ତ କୁମାର ଜୟ ସିଂ, ବିଡିଓ ଲୋଚନ ଦାସ, ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର, ସେବାୟତ ସଂଘ ସମ୍ପାଦକ ବିଜୟ ନନ୍ଦଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

